ବର୍ଷ-୨୬, ସଂଖ୍ୟା-୨୧୯
ଭୁବନେଶ୍ୱର
ଅଗଷ୍ଟ ୧୪, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 219
Bhubaneswar
August, 14 2026, Friday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଡିଜିପି ଚୟନ ନେଇ ଓଡ଼ିଶାକୁ ଝଟ୍‌କା

# ବ୍ୟାକଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ

ନୂଆଦିଲ୍ଲୀ, ୧୩।୮(ମହାଭାରତ): ଓଡିଶାର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାରେ ଆଜି ବ୍ରେକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ରାଜ୍ୟ ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ବ୍ୟାକଡୋର ଏଣ୍ଟ୍ରି ଗ୍ରହଣୀୟ ନୁହେଁ ଓ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ନହେବା ପର୍ଯ୍ୟନ୍ତ ଚୟନ କମିଟି ବୈଠକ ବସିବ ନାହିଁ ବୋଲି ୟୁପିଏସସି ଆଜି ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛି। ଏହାସହିତ ଆଜି ସନ୍ଧ୍ୟା ସା ୫ଟାରେ ୟୁପିଏସସିରେ ହେବାକୁ ଥିବା ବୈଠକ ମଧ୍ୟ ବାତିଲ ହୋଇଯାଇଛି। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ତାରିଖକୁ ଧାର୍ଯ୍ୟ କରିଛନ୍ତି।



ସୂଚନା ଅନୁସାରେ, ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠଙ୍କ ଆଗରେ ଆଜି ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ସ୍ୱତନ୍ତ୍ର ମେନସନ୍ ମାଧ୍ୟମରେ ଏହି ଜନସ୍ୱାର୍ଥ ମାମଲାକୁ ଉଠାଇଥିଲେ। ଖଣ୍ଡପୀଠ ମଧ୍ୟାହ୍ନଭୋଜନ ବିରତିରେ ଯିବା ପୂର୍ବରୁ ଚିଦାମ୍ବରମ୍ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ନର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି ଓଡିଶା ଡିଜିପି ଚୟନ ପ୍ରକ୍ରିୟା କରାଯାଉଛି। ଯଦିଓ ଆଜି ଶୁଣାଣି ପାଇଁ ଏହି ମାମଲା ତାଲିକାଭୁକ୍ତ ହୋଇଛି କିନ୍ତୁ ସମୟ ଅଭାବ(ଆଇଟମ ନମ୍ବର-୨୬)ରୁ ଶୁଣାଣି ସମ୍ଭବପର ହେବନି। ଚୂଡାନ୍ତ ପ୍ରାର୍ଥୀ ଚୟନ ପାଇଁ ୟୁପିଏସସି ଆଜି ହିଁ ବୈଠକ କରିବାକୁ ଯାଉଛନ୍ତି। ସୁପ୍ରିମକୋର୍ଟଙ୍କ ଶୁଣାଣି ଏଡାଇବା ଓ ୟୁପିଏସସିକୁ ପଠାଯାଇଥିବା ପ୍ୟାନେଲରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଦୁଇଦିନ ପୂର୍ବରୁ ଜଣେ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଛି ବୋଲି ସେ ଖଣ୍ଡପୀଠଙ୍କ ନିକଟରେ ଅଭିଯୋଗ କରିଥିଲେ।

ତେବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ସର୍ଭିସ ରିଲେଟେଡ୍( ଚାକିରି ସହ ଜଡିତ) ବିବାଦରେ ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ନୂଆ ଡିଜି ନିଯୁକ୍ତି ନହେଲେ ରାଜ୍ୟକୁ କାର୍ଯ୍ୟକାରୀ ଡିଜିପିଙ୍କ କାର୍ଯ୍ୟ ଚଳାଇବାକୁ ପଡିବ, ଯାହାକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ବୋଲି ଶ୍ରୀ ଆଚାର୍ଯ୍ୟ ଯୁକ୍ତି ବାଢ଼ିଥିଲେ।

ଏସବୁ ଶୁଣିବା ପରେ ଖଣ୍ଡପୀଠ ମଧ୍ୟ କୌଣସି ପ୍ରଭାବିତ ଅଫିସର କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣଯୋଗ୍ୟତାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଆଉ ଏନେଇ ଉକ୍ତ ମାମଲାର ଆମିକସକ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ୍ ମଧ୍ୟ ଏହି ଜନସ୍ୱାର୍ଥ ମାମଲା ସଂକ୍ରାନ୍ତ ଆବେଦନକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଉଲ୍ଲଙ୍ଘନ କରିଥିବା ନେଇ ସମ୍ମତି ଦେବା ପରେ ଖଣ୍ଡପୀଠ କଡା ଆଭିମୁଖ୍ୟ ପୋଷଣ କରିଥିଲେ।

ଡିଜିପି ନିଯୁକ୍ତିରେ କୌଣସି ପ୍ରକାରର ବ୍ୟାକଡୋର ଏଣ୍ଟ୍ରି ଗ୍ରହଣଯୋଗ୍ୟ ନୁହେଁ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୟୁପିଏସସି ନିଜର ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବ ନାହିଁ ବୋଲି କହିଛି। ଖଣ୍ଡପୀଠଙ୍କ ଆଦେଶ ଅନୁରୂପ ଆସନ୍ତା ଅଗଷ୍ଟ ୧୮ତାରିଖର ଶୁଣାଣି ପୂର୍ବରୁ କୌଣସି ଚୂଡାନ୍ତ ବୈଠକ କରାଯିବ ନାହିଁ ବୋଲି ୟୁପିଏସସି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ନୂଆ ଡିଜିପି ଚୟନ ବୈଠକରେ ଯୋଗ ଦେବା ପାଇଁ ମୁଖ୍ୟ ସଚିବ ଅନୁ ଗର୍ଗ, ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସମେତ ରାଜ୍ୟ ସରକାରଙ୍କ ଏକ ଟିମ୍ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ। ଡିଜି ଶ୍ରୀ ଖୁରାନିଆଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୬ତାରିଖରେ ଶେଷ ହେଉଛି। ଓଡିଶା ଇତିହାସରେ ପ୍ରଥମଥର ପାଇଁ ରାଜ୍ୟର ପୁଲିସ ଡିଜି ଚୟନ ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି।

## ନିଜ ଘରେ ତ୍ରିରଙ୍ଗା ଉଡାଇଲେ ମୁଖ୍ୟମନ୍ତ୍ରୀ, ସମସ୍ତଙ୍କୁ ଘରେ ତ୍ରିରଙ୍ଗା ଉଡାଇବାକୁ କଲେ ନିବେଦନ

ଭୁବନେଶ୍ୱର, ୧୩।୮(ମହାଭାରତ):: ତ୍ରିରଙ୍ଗା ଆମ ଜାତୀୟ ସ୍ୱାଭିମାନ, ଏକତା ଓ ମହାନ ସଭ୍ୟତାର ଶାଶ୍ୱତ ପ୍ରତୀକ। ଏହା ଆମ ମୁକ୍ତି ସଂଗ୍ରାମର ଅମର ଗାଥା, ବୀର ଶହୀଦଙ୍କ ଅତୁଳନୀୟ ଶୌର୍ଯ୍ୟ ଏବଂ ଆଗାମୀ ପିଢ଼ିର ଅସୁମାରୀ ଆକାଂକ୍ଷାର ଜୀବନ୍ତ ପ୍ରତିଫଳନ।ଆଜି ମୋ ବାସଭବନରେ ତ୍ରିରଙ୍ଗା ଉଡ଼ାଇ ମାତୃଭୂମିର ସେବାରେ ନିଜକୁ ସମର୍ପିତ କରିଥିବା ବୀରମାନଙ୍କ ସ୍ମୃତିଚାରଣ କରିବାର ଅନନ୍ୟ ସୌଭାଗ୍ୟ ଲାଭକଲି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସେମାନଙ୍କ ତ୍ୟାଗ ଆମର ଐତିହ୍ୟ, ସେମାନଙ୍କ ଦେଶଭକ୍ତି ଆମର ପ୍ରେରଣା; ଏବଂ ସେମାନଙ୍କ ଅମର ବଳିଦାନ ଆମକୁ ପ୍ରତିମୁହୂର୍ତ୍ତରେ ସ୍ମରଣ କରାଇଦିଏ 'ବ୍ୟକ୍ତି ସ୍ୱାର୍ଥଠାରୁ ରାଷ୍ଟ୍ର ସଦା ସର୍ବୋପରି' ।ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ହର ଘର ତ୍ରିରଙ୍ଗା ଅଭିଯାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଏକ ନୂତନ ଜାଗରଣ ସୃଷ୍ଟି କରିଛି। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସଂକଳ୍ପ ନେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୋଟି କୋଟି ନାଗରିକଙ୍କୁ ଏକାଠି ବାନ୍ଧିବାରେ ଏହା ସାଜିଛି ଏକ ଶକ୍ତିଶାଳୀ ମାଧ୍ୟମ।ସମସ୍ତେ ଅପୂର୍ବ ଗର୍ବ ଓ ଉତ୍ସାହର ସହ ନିଜ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ପ୍ରତିଟି ଗାଁରୁ ସହର, ନୀଳ ଆକାଶ ତଳେ ଆମର ଏହି ପ୍ରତୀକ ଗୌରବର



ସହ ଉଡୁ। ଯାହା ଆମକୁ ମାତୃଭୂମିର ସେବାରେ ସମର୍ପିତ ହେବାପାଇଁ ନିରନ୍ତର ସଙ୍କଳ୍ପବଦ୍ଧ କରିବବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୀଠ ଜମି ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୩।୮(ମହାଭାରତ): ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ' ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଂଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଂଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତା ଉପସ୍ଥିତ ଥିଲେ।

# ବୈତରଣୀ ନଦୀରେ ପୁଣି ବନ୍ୟା ଆଶଙ୍କା

ଭୁବନେଶ୍ୱର, ୧୩।୮(ମହାଭାରତ): ଲଘୁଚାପ ଜନିତ ଲଗାଣ ବର୍ଷାରେ ବୈତରଣୀ ନଦୀରେ ପୁଣି ଥରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଆଜି ଅପରାହ୍ନରେ ପାଟଣା ଅଞ୍ଚଳରେ ବୈତରଣୀ ନଦୀ ବିପଦ ସଙ୍କେତ ଟପିଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ବୈତରଣୀ ନଦୀର ବିପଦ ସଙ୍କେତ ୩୧୧.୧୦ ମିଟର ଥିବାବେଳେ ଗୁରୁବାର ଅପରାହ୍ନ ୫ଟାରେ ଜଳସ୍ତର ୩୧୧.୩୭ ମିଟରରେ ପହଞ୍ଚିଛି। ଫଳରେ ନଦୀର ତଳିଆ ଅଞ୍ଚଳ ସମେତ ଆନନ୍ଦପୁର ଓ ପଡ଼ୋଶୀ ଭଦ୍ରକ ଜିଲାରେ ବନ୍ୟା ଆଶଙ୍କା ଉପୁଜିଛି।



ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ବୈତରଣୀ ନଦୀର ଉପରମୁଣ୍ଡ ଚମ୍ପୁଆରେ ୧୧୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିଥିବାରୁ ନଦୀର ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ରହିଛି। ଏହାକୁ ନେଇ ତଳିଆ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଲଗାଣ ବର୍ଷାରେ ଖଣିନଗରୀ ଯୋଡ଼ାରେ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି। ଲଗାତାର ବର୍ଷା ଯୋଗୁଁ ସୁନା ନଦୀର ଜଳସ୍ତର ଦ୍ରୁତଗତିରେ ବଢ଼ିବା ସହ ସହରର ବିଭିନ୍ନ ତଳିଆ ଅଞ୍ଚଳକୁ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ଅନେକ ପରିବାର ଜଳଘେରରେ ରହିଥିବା ବେଳେ ଯାତାୟାତ ବ୍ୟବସ୍ଥା ଠପ୍ ହେବା ସହ ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି।ବନ୍ୟାଜଳ ଓ ଅବିରତ ବର୍ଷାର ପ୍ରଭାବରେ ବାଟୁ ହଟିଂ ଅଞ୍ଚଳରେ ମଣି କାରୁଆ ଓ ସରସ୍ୱତୀ ନାଏକଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଏଥିରେ ଦୁଇଟି ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସୌଭାଗ୍ୟବଶତଃ କୌଣସି ଜୀବନହାନି ହୋଇନାହିଁ।

ଏପଟେ ୬ ନମ୍ବର ୱାର୍ଡର ବାଟୁ ହଟିଂକୁ ସଂଯୋଗ କରୁଥିବା ପୋଲ ଉପରେ ବନ୍ୟାଜଳ ଚାଲୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପୋଲ ଉପରେ ଜଳସ୍ରୋତ ବଢ଼ିଥିବାରୁ ଅଞ୍ଚଳବାସୀଙ୍କ ଯାତାୟାତ ଏକପ୍ରକାର ବନ୍ଦ ହୋଇଯାଇଛି। ଫଳରେ ବାଟୁ ହଟିଂବାସୀ ଜଳବନ୍ଦୀ ସଦୃଶ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ପୋଲ ଉପରେ ପ୍ରଖର ସ୍ରୋତରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତକାରୀଙ୍କ ପାଇଁ ବିପଦ ଆଶଙ୍କା ମଧ୍ୟ ବଢ଼ିଛି। ସେହିପରି ଆମ୍ବବଗାନ ଅଞ୍ଚଳରେ ବହୁ ଘର ମଧ୍ୟକୁ ବର୍ଷା ଓ ବନ୍ୟାଜଳ ପ୍ରବେଶ କରିଛି। ଘର ଭିତରେ ପାଣି ଜମି ରହିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ଆସବାବପତ୍ର ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ନଷ୍ଟ ହେବାର ଆଶଙ୍କା ରହିଛି। ନଦୀ ର ଉଭୟ ପାର୍ଶ୍ୱରେ ଥିବା ଘର ଗୁଡିକରେ ପାଣି ପଶି ଯାଇ ଥିବାରୁ ଲୋକ ମାନଙ୍କୁ ମକ୍ତାବ ସ୍କୁଲ କୁ ସ୍ଥାନାନ୍ତର କରାଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କୁଦୂର୍ ନା ଲା। ଏବଂ ହୁଡ଼ିଶାଇ ରେ ବର୍ଷା ଜଳ ନିଷ୍କାସିତ ହୋଇ ନପାରି ପାଣି ଜମି ବହୁ ଲୋକଙ୍କ ଘରେ ପାଣି ପଶି ଘର ର ବହୁ ଆସବାବ ପତ୍ର ନଷ୍ଟ ହୋଇଛିଏପରି ସ୍ଥିତିରେ ବର୍ଷା ଆହୁରି ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇ ପରିସ୍ଥିତି ଅଧିକ ସଙ୍କଟଜନକ ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

ସୁନା ନଦୀର ଜଳସ୍ତର ଲଗାତାର ବୃଦ୍ଧି ପାଉଥିବାରୁ ନଦୀକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଘନୀଭୂତ ହୋଇଛି। ପରିସ୍ଥିତିକୁ ନଜରରେ ରଖି ସ୍ଥାନୀୟ ପ୍ରଶାସନ ଓ ପୌରପାଳିକା ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ନଜରଦାରି ବଢ଼ାଯାଇଛି। ଆବଶ୍ୟକ ସ୍ଥଳେ ପ୍ରଭାବିତ ପରିବାରଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ରିଲିଫ୍ ଓ ଅନ୍ୟାନ୍ୟ ଜରୁରୀ ସୁବିଧା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।ଇତିମଧ୍ୟରେ ସ୍ଥାନୀୟ ପ୍ରଶାସନ ଓ ପୌରନିର୍ବାହୀ ଅଧିକାରୀ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୋଡ଼ା ସହରର ସମସ୍ତ ବିଦ୍ୟାଳୟକୁ ଦିବା ୧ଟାରେ, ଅର୍ଥାତ୍ ମଧ୍ୟାହ୍ନ ଭୋଜନ ପରେ, ବନ୍ଦ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ହୋଇଥିବା ବେଳେ ଆବଶ୍ୟକ ସହାୟତା ଯୋଗାଣ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଆଗାମୀ ୧୨ ଘଣ୍ଟା ରେ ପ୍ରବଳ ବର୍ଷିବା ନେଇ ଏସ.ଆର.ସି ରେଡ଼ ୱାର୍ନିଂ ଜାରି କରିଥିବା ବେଳେ ପରିସ୍ଥିତି ଉପରେ ପ୍ରଶାସନ ନିରନ୍ତର ନଜର ରଖିଥିବା ସହ ବନ୍ୟାଜଳରେ ଅନାବଶ୍ୟକ ଭାବେ ପ୍ରବେଶ ନକରିବା ଏବଂ ବିପଦପୂର୍ଣ୍ଣ ପୋଲ ଓ ନଦୀକୂଳକୁ ନଯିବା ପାଇଁ ସାଧାରଣ ଲୋକଙ୍କୁ ସତର୍କ କରାଯାଇଛି।

### ପାଣି ନ ଛାଡିବାରୁ ବନ୍ୟା କ୍ଷୟକ୍ଷତି ଆକଳନରେ ବିଳମ୍ବ ହେଉଛି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୩।୮(ମହାଭାରତ):: ଲଘୁଚାପ ଅବପାତର ରୂପ ନେଇ ଅନେକ ସ୍ଥାନରେ ବର୍ଷା କରାଇବ ଛ ବାଲେଶ୍ୱରରୁ ଆରମ୍ଭ କରି ମୟୁରଭଞ୍ଜ ପର୍ଯ୍ୟନ୍ତ ରେଡ ଜୋନରେ ରହିଛୁ । ବର୍ଷା ଜନିତ ବନ୍ୟା ଶେଷ ହେବାର ନା ନେଉ ନାହିଁ । ଗୋଟେ ବନ୍ୟାକୁ ମୁକାବିଲା କଲା ବେଳକୁ ଆଉ ଏକ ବନ୍ୟା ଆସି ପହଂଚି ଯାଉଛି । ସମ୍ପୂର୍ଣ୍ଣ ପାଣି ନ ଛାଡିବାରୁ କ୍ଷୟକ୍ଷତି ଆକଳନ ପାଇଁ ବିଳମ୍ବ ହେଉଛି । ବିଶେଷ କରି ଉତ୍ତର ଓଡିଶାରେ ବିଳମ୍ବ ହେଉଛି । ଅନ୍ୟ ଜିଲ୍ଲା ଗୁଡିକରେ ଆକଳନ କାମ ଆରମ୍ଭ ହୋଇସାରିଛି ବୋଲି ରାଜସ୍ୱ, ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏଲନିନୋ କାରଣରୁ କମ ବୃଷ୍ଟି ପାତ ହେବ ବୋଲି ଆକଳନ ହୋଇଥିଲା । ୬୫% ଅଧିକରୁ ବୃଷ୍ଟିପାତ ହେଲା । ଉତ୍ତର ଓଡିଶାର କିଛି ନଦୀରେ ଜଳ ପତନ ବୃଦ୍ଧି ପାଉଛି କିନ୍ତୁ ବିପଦ ସଂକେତ ପାଖକୁ ପହଂଚି ନାହିଁ କିନ୍ତୁ ୨୪ ଘଣ୍ଟା ପ୍ରବଳରୁ ପ୍ରବଳ ବର୍ଷା ହେବ । ଜଳସେଚନ ବିଭାଗ ସଚେତନ ଅଛନ୍ତି । ଏସଆରସି ତୀକ୍ଷ୍ଣ ଦୃଷ୍ଟି ଦେଇଛନ୍ତି, ଜିଲ୍ଲାପାଳ ମାନଙ୍କ ସହିତ ସମ୍ପର୍କରେ ଅଛନ୍ତି । ଦୁଇ ତିନି ସପ୍ତାହରେ ଆସିଥିବା ଦୁଇରୁ ଅଧିକ ବନ୍ୟା ଆସିଛି, ଏହାକୁ ମଧ୍ୟ ସଫଳତାର ସହିତ ମୁକାବିଲା କରିବୁ ବୋଲି କହିଛନ୍ତି।

## ଚାଉଳ ଉଠାଣ ନେଇ କେନ୍ଦ୍ରକୁ ଚିଠି

ଭୁବନେଶ୍ୱର, ୧୩।୮(ମହାଭାରତ): କେନ୍ଦ୍ର ଉଠାଉନି ଚାଉଳ। କେନ୍ଦ୍ର ଖାଉଟି କଲ୍ୟାଣ ଏବଂ ଯୋଗାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଲେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଓଡ଼ିଶାରୁ ଚାଉଳ ଉଠାଣ ଓ ଧାନ ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ଦାବି ଜଣାଇଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଅଗଷ୍ଟ ସୁଦ୍ଧା ଏଫ୍‌ସିଆଇ ପ୍ରାୟ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଇବା କଥା, କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଯାଇଛି। ଚାଉଳ ଉଠାଇବାରେ ଏଫ୍‌ସିଆଇ ଢିଲା କରିଛି। ତେଣୁ ଚାଉଳ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।ଏନେଇ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଚାଉଳ ଓ ଧାନ ଉଠାଣ ପ୍ରକ୍ରିୟାକୁ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି।

ସେହିଭଳି ଉଷୁନା ଚାଉଳର ଲକ୍ଷ୍ୟ ଧାର୍ଯ୍ୟ ସଂଶୋଧନ ସହ ବକେୟା ସବସିଡି ପ୍ରଦାନ ପାଇଁ ମଧ୍ୟ ଦାବି ରଖାଯାଇଛି। ଓଡ଼ିଶାର ଆବଶ୍ୟକତା ଅନୁଯାୟୀ ରଉଓ ଉଷୁନା ଚାଉଳ ଉଠାଇବ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ସୂଚନା ଦିଆଯାଇଛି।ଏହା ସହ ଧାନର ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ପାଇଁ ମଧ୍ୟ କେନ୍ଦ୍ର ନିକଟରେ ଦାବି କରାଯାଇଛି। ରାଜ୍ୟରେ ଅରୁଆ ଚାଉଳ ଉତ୍ପାଦନ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେବ ବୋଲି ମନ୍ତ୍ରୀ କହିଛନ୍ତି।ସେହିପରି ଅଗଷ୍ଟ ୧୨ ତାରିଖରେ ୨,୩୯୩ କୋଟି ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅଧିକ ଚାଉଳ ସଂରକ୍ଷଣ ପାଇଁ ରାଜ୍ୟରେ ପ୍ରାୟ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଅତିରିକ୍ତ ଷ୍ଟୋରେଜ୍ କ୍ଷମତା ସୃଷ୍ଟି କରିବାକୁ ଯୋଜନା ହୋଇଥିବା ମଧ୍ୟ ସେ କହିଛନ୍ତି।

## ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର, ୧୩।୮(ମହାଭାରତ): ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହେଲା ଲଘୁଚାପ। ବାରିପଦା ଠାରୁ ୧୯୦ କିମି ଦୂରରେ ଏହା କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମବଙ୍ଗ ଦେଇ ଝାଡଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ସେପଟେ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଉତ୍ତର ଓଡିଶାରେ ମୂଷଳ ଧାରାରେ ବର୍ଷା ହେଉଛି। ଆଗାମୀ ୨୪ ଘଣ୍ଟାରେ ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବ। ଏହି ଦୁଇ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର।

# ଚୋରା ଗଞ୍ଜେଇ ବେପାରର ଚରାଭୂଇଁ ଓଡିଶା

ଭୁବନେଶ୍ୱର, ୧୩।୮(ମହାଭାରତ): ନିଶା ବେପାରୀମାନେ ଚୋରା ନିଶା କାରବାରରୁ ବ୍ୟାପକ ଫାଇଦା ଉଠାଉଥିବାବେଳେ ଏହା ଏବେ ଦେଶ ବିଦେଶରେ ଓଡିଶାର ମର୍ଯ୍ୟାଦା ଉପରେ ପ୍ରଶ୍ନବାଚୀ ଉଠାଉଛି । ଓଡିଶାରେ ବେଆଇନ୍ ଭାବେ ଚାଷ ହେଉଥିବା ଗଞ୍ଜେଇ ବିପୁଳ ପରିମାଣରେ ଅନ୍ୟ ରାଜ୍ୟକୁ ଚାଲାଣ ହେଉଛି ।

ତଥ୍ୟ ମୁତାବକ କର୍ଣ୍ଣାଟକ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ପଞ୍ଜାବ, ତାମିଲନାଡୁ, କେରଳ, ମହାରାଷ୍ଟ୍ର, ଗୋଆ ସମେତ ବିଭିନ୍ନ ରାଜ୍ୟରେ ଓଡିଶାରୁ ଚୋରାରେ ଯାଇଥିବା ଗଞ୍ଜେଇ ବହୁ ପରିମାଣରେ ସେଠାକାର ପୁଲିସ ଓ ଅବକାରୀ ସଂସ୍ଥା ଜବତ କରୁଛନ୍ତି । ଓଡିଶାରେ ପୁଲିସ ଓ ଅବକାରୀ ବିଭାଗ ମଧ୍ୟ ଚୋରା ଗଞ୍ଜେଇ ଧରିଧରି ହାଲିଆ ହୋଇଗଲେଣି । ଏହା ସତ୍ତ୍ୱେ ଗଞ୍ଜେଇ ଚାଷ ଓ ଚୋରା ଗଞ୍ଜେଇ ଚାଲାଣ କମିବା ନାଁ ଧରୁନି ।

ତଥ୍ୟ ମୁତାବକ ଦୁଇବର୍ଷ ଭିତରେ ଓଡିଶାରେ ୪ ହଜାର କୋଟିରୁ ଅଧିକ ମୂଲ୍ୟର ଚୋରା ଗଞ୍ଜେଇ ଜବତ ହୋଇଛି, ଯାହାର ପରିମାଣ ୪୦୦ ଟନ୍‌ରୁ ଅଧିକ । ଏହାଛଡା ପାଖାପାଖି ୨ ହଜାର ଲିଟର ଗଞ୍ଜେଇ ତେଲ ମଧ୍ୟ ଜବତ କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ସଫଳ ହୋଇଛନ୍ତି । କର୍ତ୍ତୃପକ୍ଷଙ୍କ ସଫଳତାର ତାଲିକାରେ ୬୦ ହଜାର ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା କୁହାଯାଉଛି ।



ନିଶା ନିବାରଣ କାର୍ଯ୍ୟରେ ନିୟୋଜିତ ସମାଜସେବୀମାନେ କହୁଛନ୍ତି ଯେ ଯେତିକି ପରିମାଣର ଚୋରା ଗଞ୍ଜେଇ ଓ ଗଞ୍ଜେଇ ତେଲ ଜବତ ହେଉଛି ବାସ୍ତବରେ ତା'ର ଢେର ଅଧିକ ଗୁଣ ରାଜ୍ୟ ଭିତରେ ଓ ବାହାରେ ଚୋରା ବଜାରରେ ଚା ମୂଲ୍ୟରେ ଉପଲବ୍ଧ ହେଉଛି । ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ହଜାର ହଜାର ଏକର ଜମିରୁ ଚୋରା ଗଞ୍ଜେଇ ଚାଷ ନଷ୍ଟ କରିବା ସହିତ ଲକ୍ଷଲକ୍ଷ ସଂଖ୍ୟକ ଗଞ୍ଜେଇ ଗଛ ଜାଳିପୋଡି ଛାରଖାର କରାଯାଉଥିବା ସମ୍ବାଦ ବି ଗଣମାଧ୍ୟମରେ ପ୍ରକାଶ ପାଉଛି । ଏହାଛଡା ବିଧାନସଭାରେ ପ୍ରଦତ୍ତ ବିଭିନ୍ନ ତଥ୍ୟରେ ମଧ୍ୟ ଚୋରା ଗଞ୍ଜେଇ କଥା ଉଲ୍ଲେଖ କରାଯାଉଛି ।

୨୦୨୪ ଅଗଷ୍ଟ ୨୦ ତାରିଖରେ ଓଡିଶା ବିଧାନସଭାରେ ଉପସ୍ଥାପିତ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଓଡିଶାରେ ୩୫୫୬ ଏକର ଜମିରୁ ୪୯,୭୧,୯୩୨ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଦର୍ଶାଯାଇଥିବାବେଳେ ୨୦୨୫ ମାର୍ଚ୍ଚ ୭ ତାରିଖରେ ଉପସ୍ଥାପିତ ରିପୋର୍ଟରେ ୨୨,୩୨୪ ଏକର ଜମିରୁ ୨୨,୫୧,୨୫୮ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଉଲ୍ଲେଖ କରାଯାଇଛି । ସେହିଭଳି ଚଳିତବର୍ଷ ମାର୍ଚ୍ଚ ୯ ତାରିଖରେ ଓଡିଶା ବିଧାନଭାରେ ଉପସ୍ଥାପିତ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ୯,୪୧୮ ଏକର ଜମିରୁ ୧,୨୭,୪୫,୭୨୦ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଦର୍ଶାଯାଇଛି ।

ଏହାଛଡା ବର୍ଷକୁ ବର୍ଷ ଏନ୍‌ଡିପିଏସ୍ ମାମଲା ଓ ଏଥିରେ ଗିରଫ ହେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ବିବି ଚାଲିଛି । ୨୦୨୦-୨୧ ବର୍ଷରେ ୩୮୧ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇଥିବାବେଳେ ୩୯୬ଜଣ ଲୋକଙ୍କୁ ଗିରଫ କରାଯାଇଥିଲା । ୨୦୨୨-୨୩ ବର୍ଷରେ କିନ୍ତୁ ୧୯୪୯ଟି ଏନ୍‌ଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୨୨୩୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଦର୍ଶାଯାଇଛି । କେବଳ ଗଞ୍ଜେଇ ନୁହେଁ, ବ୍ରାଉନ୍ ସୁଗାର, ମଦ, କୋକେନ୍, ହେରୋଇନ୍, କଫ୍ ସିରପ୍ ସମେତ ଅନ୍ୟାନ୍ୟ ମାରାତ୍ମକ ନିଶା ସାମଗ୍ରୀର ବଜାର ଓଡିଶା ପାଲଟିଛି । ତେବେ ଉଦ୍‌ବେଗଜନକ ବିଷୟ ହେଉଛି ଯେ ଅବକାରୀ ମାମଲାଗୁଡିକରେ ରାଜ୍ୟରେ ଦଣ୍ଡବିଧାନ ହାର ଢେର କମ୍ ରହୁଛି । ସରକାରୀ ତଥ୍ୟ ମୁତାବକ ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟରେ ୩ଲକ୍ଷ ୧୭ ହଜାରରୁ ଅଧିକ ଅବକାରୀ ମାମଲା ବିଚାର ପାଇଁ ଆସିଥିବାବେଳେ ଏହି ୫ବର୍ଷରେ ୫୭,୬୮୬ଟିରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି ଓ ମାତ୍ର ୨୧୨ଟି ମାମଲାରେ ଦଣ୍ଡବିଧାନ କରାଯାଇଛି । ଅନେକ ଜିଲ୍ଲାରେ ୫ବର୍ଷରେ ଗୋଟିଏ ହେଲେ ଅବକାରୀ ମାମଲରେ ଦଣ୍ଡବିଧାନ ହୋଇପାରିନଥିବା ବିଧାନସଭାରେ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି ।

## ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'




ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଚ୍ଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଡା ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୁର୍ସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।

**..... ଖବର ......**

# ଭଗବାନ ନୃସିଂହଙ୍କ ଆରାଧନାରେ ପୂର୍ଣ୍ଣ ହୁଏ ମନସ୍କାମନା



ନୃସିଂହ ଭଗବାନ ହେଉଛନ୍ତି ବିଷ୍ଣୁଙ୍କ କ୍ରୋଧାବତାର। ଭଗବାନ ବିଷ୍ଣୁ ହିରଣ୍ୟକଶିପୁକୁ ବଧ କରିବା ପାଇଁ କ୍ରୋଧର ସହିତ ଅବତାର ଗ୍ରହଣ କରିଥିଲେ। କ୍ରୋଧରେ ଭଗବାନ ନୃସିଂହଙ୍କ ଶରୀର ଜଳୁଥାଏ ତେଣୁ ତାଙ୍କୁ ଶୀତଳ ଜିନିଷ ଅର୍ପଣ କରି କୃପା ଲାଭ କରିପାରିବେ। ନୃସିଂହ ଜୟନ୍ତୀରେ ପୂଜା କରିବା ଦ୍ୱାରା ସମସ୍ତ ପ୍ରକାର ସମସ୍ୟା ଦୂର ହୋଇଥାଏ। ନୃସିଂହ ଜୟନ୍ତୀ ଦିନ ସକାଳୁ ସ୍ନାନ କରି ଭଗବାନ ନୃସିଂହ ମନ୍ଦିରରେ ଯାଇ ତାଙ୍କ ପୂଜା କରିବାର ବିଧାନ ରହିଛି। ଫୁଲ ଏବଂ ଚନ୍ଦନରେ ଭଗବାନଙ୍କ ପୂଜା କରନ୍ତୁ । ପରେ ଶ୍ରଦ୍ଧାଳୁଙ୍କ ଯାହା ମନୋକାମନା ରହିଛି ନିମ୍ନଲିଖିତ ଅନୁସାରେ ପୂଜା କରନ୍ତୁ।

କିଏ କିପରି ପୂଜା କରିବେ ?

୧. ଧନ କିମ୍ବା ଅର୍ଥ ସଞ୍ଚିତ କରିବା ପାଇଁ ନୃସିଂହ ଭଗବାନଙ୍କୁ ନାଗକେଶର ଚଢ଼ାଯାଇଥାଏ। ନାଗକେଶର ଚଢ଼ାଇ ଅଳ୍ପ କିଛି ସାଥୀରେ ଘରକୁ ନେଇ ଯେଉଁଠାରେ ଅର୍ଥ ଏବଂ ଗହଣା ରଖୁଥିବା ସିନ୍ଧୁକ କିମ୍ବା ଆଲମାରିରେ ରଖନ୍ତୁ।

୨. ଯଦି କୁଣ୍ଡଳୀରେ କାଳସର୍ପ ଦୋଷ ରହିଛି ଏବଂ ଆପଣ ଏହାର ପୂଜା କିମ୍ବା କୌଣସି ଜ୍ୟୋତିଷୀୟ ଉପାୟ ପାଇପାରୁନାହାନ୍ତି, ତେବେ ନୃସିଂହ ଜୟନ୍ତୀରେ  କୌଣସି ନୃସିଂହ ମନ୍ଦିର ଯାଇ ଗୋଟିଏ ମୟୂରପର ଚଢ଼ାନ୍ତୁ । ଏଥିରୁ ଆପଣଙ୍କୁ ମୁକ୍ତି ମିଳିବ।

୩. ଯଦି କୌଣସି କେସ୍‌ରେ ଫସିଛନ୍ତି କିମ୍ବା କୋର୍ଟ କଚେରି ଦୌଡ଼ି ଦୌଡ଼ି ଥକିଗଲେଣି, ତେବେ ନୃସିଂହ ଚତୁର୍ଦ୍ଦଶୀରେ ଭଗବାନଙ୍କୁ ଦହି ପ୍ରସାଦ ଅର୍ପଣ କରନ୍ତୁ।

୪. ପ୍ରତିଯୋଗିତାକୁ ନେଇ ବ୍ୟସ୍ତ କିମ୍ବା ଅଜଣା ଶତ୍ରୁର ଡର ସବୁବେଳେ ଲାଗିରହିଛି, ତେବେ ଆପଣ ଭଗବାନ ନୃସିଂହଙ୍କୁ ବରଫମିଶା ପାଣି ଚଢାନ୍ତୁ। ଆପଣଙ୍କୁ ସମସ୍ତ ପ୍ରକାରର ସଫଳତା ମିଳିବାକୁ ଲାଗିବ।

୫. ଯଦି କେହି ଆପଣଙ୍କ ଉପରେ କ୍ରୋଧିତ କିମ୍ବା ଦୂର ହୋଇଯାଉଛି, ତେବେ ସେହି ସମ୍ପର୍କକୁ ପୁଣି ଫେରି ପାଇବା ପାଇଁ ମକାର ଅଟା ମନ୍ଦିରରେ ଦାନ କରନ୍ତୁ।

୬. ଯଦି ଆପଣ ଋଣରେ ବୁଡିଛନ୍ତି ଏବଂ ଆପଣଙ୍କ ଅର୍ଥ ମାର୍କେଟ୍‌ରେ ଫସିଯାଇଛି, ଉଧାରି ଅସୁଲ ହୋଇପାରୁନାହିଁ ତାହା ହେଲେ ନୃସିଂହ ଭଗବାନଙ୍କୁ ଚାନ୍ଦି କିମ୍ବା ମୋତି ଚଢ଼ାନ୍ତୁ।

୭. ଯଦି ଶରୀରରେ ଦୀର୍ଘ ଦିନ ଧରି ରୋଗ ଲାଗିରହିଛି, ଏଥିରୁ ମୁକ୍ତି ମିଳୁନାହିଁ, ତେବେ ଭଗବାନ ନୃସିଂହଙ୍କୁ ଚନ୍ଦନ ଲେପ ଚଢ଼ାନ୍ତୁ।

## ଶିବ ପୁରାଣ




ଭଗବାନ ଶଙ୍କରଙ୍କ ବିଷୟରେ ବର୍ଣ୍ଣନା ଥିବା ଅନେକ ଧର୍ମଗ୍ରନ୍ଥ ପ୍ରଚଳିତ ରହିଛି । ତେବେ ଶିବପୁରାଣକୁ ଅଧିକ ପ୍ରାମାଣିକ ବୋଲି ବିବେଚନା କରାଯାଇଥାଏ । ଏଥିରେ ଦେବ ଦେବ ମହାଦେବଙ୍କ ଅପାର ଲୀଳା ସମ୍ବନ୍ଧରେ ଚମତ୍କାରୀ ବର୍ଣ୍ଣନା ରହିଛି । ଶିବ ପୁରାଣକୁ ଶୈବ ସମ୍ପ୍ରଦାୟର ଅତି ପୂଜନୀୟ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ । ଏଥିରେ ଭଗବାନ ଶିବଙ୍କ କଲ୍ୟାଣକାରୀ ରୂପ ସମ୍ପର୍କରେ ବର୍ଣ୍ଣନା ରହିଛି । ଶିବ ପୁରାଣରେ ମୋଟ୍ ୨୪ ହଜାର ଶ୍ଲୋକ ଥିବା ବେଳେ ଏହାକୁ ୭ଟି ସଂହିତାରେ ଭାଗ ଭାଗ କରାଯାଇଛି । ଏହି ସଂହିତାଗୁଡ଼ିକ ହେଉଛି ବିଦ୍ୟେଶ୍ୱର ସଂହିତା, ରୁଦ୍ର ସଂହିତା, ଶତରୁଦ୍ର ସଂହିତା, କୋଟିରୁଦ୍ର ସଂହିତା, ଉମା ସଂହିତା, କୈଳାଶ ସଂହିତା, ବାୟବୀୟ ସଂହିତା । ଏହି ସଂହିତା ମଧ୍ୟରୁ ରୁଦ୍ର ସଂହିତାକୁ ପାଞ୍ଚ ଖଣ୍ଡରେ ବିଭକ୍ତ କରାଯାଇଥିବା ବେଳେ ବାୟବୀୟ ସଂହିତାକୁ ଦୁଇ ଖଣ୍ଡରେ ବିଭକ୍ତ କରାଯାଇଛି ।

.୦

# ଦେବାଦେବୀଙ୍କ ବାହନ



ଦେବୀ-ଦେବତାଙ୍କ ସହ ଜଡ଼ିତ କାହାଣୀ ଓ ଚିତ୍ରରେ ତାଙ୍କ ସହ କୌଣସି ପକ୍ଷୀ କିମ୍ବା ପଶୁଙ୍କୁ ତାଙ୍କର ବାହନ ଭାବେ ଦେଖିଥିବେ । ଦେବାଦେବୀଙ୍କ ଏହି ବାହନ ମାନେ ସର୍ବଦା ତାଙ୍କ ନିକଟରେ ଥାଆନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କର କେଉଁ ବାହାନ ଅଛନ୍ତି । ଏହି ବାହନମାନେ ଦେଖିବାକୁ ବହୁତ୍ ସାମାନ୍ୟ ଅଟନ୍ତି କିନ୍ତୁ ଦେବାଦେବୀମାନେ କାହିଁକୁ ସେମାନଙ୍କୁ ନିଜର ବାହନ ଭାବେ ବ୍ୟବହାର କରୁଛନ୍ତି । ଆସନ୍ତୁ ଜାଣିବା ଏ ସଂପର୍କିତ କିଛି ପୌରାଣିକ କଥା । ବୃଷଭ ନନ୍ଦୀ ଭଗବାନ ଶିବଙ୍କ ବାହନ। ବୃଷଭ ଅତ୍ୟନ୍ତ ଶକ୍ତିଶାଳୀ ହେଲେ ମଧ୍ୟ ଶାନ୍ତ ରହିଥାନ୍ତି । ହିନ୍ଦୁ ଧର୍ମର ଚାରିସ୍ତମ୍ଭ କ୍ଷମା, ଦୟା, ଦାନ ଏବଂ ତପ ବୃଷଭ ନନ୍ଦୀଙ୍କର ଚାରିଗୋଡ଼ରେ ରହିଛି । ପୁରାଣ କଥା ଅନୁସାରେ ଭଗବାନ କାର୍ତ୍ତିକେୟଙ୍କ ତପସ୍ୟା ଓ ସାଧନ କ୍ଷମତାରେ ପ୍ରସନ୍ନ ହୋଇ ସ୍ୱୟଂ ଭଗବାନ ବିଷ୍ଣୁ କାର୍ତ୍ତିକେୟଙ୍କୁ ମୟୂର ବାହନ ଭେଟି ଦେଇଥିଲେ ଏବଂ କାର୍ତ୍ତିକେୟ ମୟୁର ବାହାନକୁ ଗ୍ରହଣ କଲେ କାରଣ ମୟୁର ପରି କାର୍ତ୍ତିକେୟଙ୍କ ମନ ଅତ୍ୟନ୍ତ ଚଞ୍ଚଳ । ଦୁର୍ଗାଙ୍କୁ ଶକ୍ତି କୁହାଯାଏ ଏବଂ ସିଂହ ହେଉଛି ଶକ୍ତିଶାଳୀ ଓ ପରାକ୍ରମୀ ଓ କ୍ରୋଧର ପ୍ରତୀକ । ସେଥିପାଇଁ ମା' ଦୁର୍ଗା ସିଂହକୁ ନିଜର ବାହନ ଭାବେ ଗ୍ରହଣ କଲେ। ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ପବିତ୍ରତାର ପ୍ରତୀକ ଭାବେ ସ୍ୱୀକାର କରାଯାଏ । ହସଂକୁ ବାହନ ରୂପେ ଗ୍ରହଣ କରି ମା' ସରସ୍ୱତୀ ଦର୍ଶାଇଛନ୍ତି ଯେ, ଜ୍ଞାନ ଜରିଆରେ ଜିଜ୍ଞାସାକୁ ଶାନ୍ତ କରାଯାଇ ପାରେ । ଭଗବତ୍ ଗୀତାରେ ଏହାର ଉଲ୍ଲେଖ ରହିଛି ଯେ,ଭଗବାନ ବିଷ୍ଣୁଙ୍କ ଭିତରେ ସମସ୍ତ ସୃଷ୍ଟି ନିବାସ କରିଛି । ସେହିପର ଗରୁଡ଼ ଦେବ ମଧ୍ୟ ଦିବ୍ୟ ଶକ୍ତିର ଅଧିକାରୀ ଅଟନ୍ତି । ଲକ୍ଷ୍ମୀଙ୍କ ବାହାନ ଅଟେ ପେଚା ।

# ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର



ଆମେ ସମସ୍ତେ ଜାଣୁ ବେଲ ପତ୍ର ଭଗବାନ ଶିବଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଏବଂ ଶିବଲିଙ୍ଗ ଉପରେ ବେଲ ପତ୍ର ନ ଚଢ଼ାଇବା ପର୍ଯ୍ୟନ୍ତ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ । ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ କୌଣସି ଭୋଗ ନୈବେଦ୍ୟ ନୁହେଁ ବରଂ ଏକ ପାଣି ଢାଳ ଏବଂ କିଛି ବେଲ ପତ୍ର ହିଁ ଯଥେଷ୍ଟ । କିନ୍ତୁ ଜାଣନ୍ତି କି ଶିବଲିଙ୍ଗ ଉପରେ କାହିଁକି ଚଢ଼ାଯାଏ ବେଲପତ୍ର କୁହାଯାଏ ସମୁଦ୍ର ମନ୍ଥନ ସମୟରେ ଯେତେବେଳେ ବିଷ ବାହାରିଥିଲା ସେତେବେଳେ ଭଗବାନ ଶିବ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷା କରିବା ପାଇଁ ଏହି ବିଷପାନ କରିଥିଲେ । ବିଷର ପ୍ରଭାବରେ ତାଙ୍କ କଣ୍ଠ ନୀଳ ହୋଇଗଲା ଏବଂ ତାଙ୍କ ସମଗ୍ର ଶରୀର ଅତ୍ୟନ୍ତ ଗରମ ହୋଇଗଲା ଯାହାଫଳରେ ଆଖପାଖର ପରିବେଶ ମଧ୍ୟ ଗରମ ହେବାକୁ ଲାଗିଲା । ବିଶ୍ୱାସ ଅନୁଯାୟୀ ବେଲପତ୍ର ବିଷର ପ୍ରଭାବକୁ ହ୍ରାସ କରିଥାଏ । ଯେଉଁଥିପାଇଁ ସମସ୍ତ ଦେବୀ ଏବଂ ଦେବତା ଭଗବାନ ଶିବଙ୍କୁ ବେଲପତ୍ର ଖାଇବାକୁ ଦେଇଥିଲେ । ବେଲପତ୍ର ସହିତ, ଶିବଙ୍କୁ ଥଣ୍ଡା ରଖିବା ପାଇଁ ଜଳ ମଧ୍ୟ ଅର୍ପଣ କରାଯାଇଥିଲା । ବେଲପତ୍ର ଏବଂ ଜଳର ପ୍ରଭାବ ଯୋଗୁଁ ମହାଦେବଙ୍କ ଶରୀରରେ ସୃଷ୍ଟି ହୋଇଥିବା ଉତ୍ତାପ ଥଣ୍ଡା ହେବାକୁ ଲାଗିଲା । ସେବେଠାରୁ ଭଗବାନ ଶିବଙ୍କୁ ଜଳ ଏବଂ ବେଲପତ୍ର ଅର୍ପଣ କରିବାର ପ୍ରଥା ଆରମ୍ଭ ହେଲା ।

## ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ଓଡ଼ିଶାରେ ଏମଏସଏମଇ ବିକାଶକୁ ତ୍ୱରାନ୍ୱିତ ପାଇଁ ଗୁରୁତ୍ୱ ଦିଅ

**ଭୁବନେଶ୍ୱର,୧୩।୮ (ମହାଭାରତ):** ସମାବେଶୀ ବିକାଶ ମାଧ୍ୟମରେ ରାଜ୍ୟର ଯୁବକ, ମହିଳା, ଶିଳ୍ପୀ ଏବଂ ପ୍ରଥମ ପିଢ଼ି ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଏତଦବ୍ୟତୀତ ଓଡ଼ିଶାର ଗ୍ରାମୀଣ ଏବଂ ଆଦିବାସୀ ଅଂଚଳରେ ଉଦ୍ୟମିତାକୁ ଅଧିକ ଭାବେ ପ୍ରସାରିତ କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଓଡ଼ିଶା ଆସେମ୍ବ୍ଲିଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଂଟରପ୍ରାଇଜେସ୍ (ଓଏଏସଏମଇ) ର ୪୧ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ରାଜ୍ୟ ସ୍ତରୀୟ ସମ୍ମିଳନୀ-୨୦୨୬ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ରାଜ୍ୟପାଳ କହିଥିଲେ ଯେ ପ୍ରତ୍ୟେକ ଯୁବକଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ଉଦ୍ୟୋଗ ବିକଶିତ ହେବା ଜରୁରୀ। ସେହିଭଳି ଗ୍ରାମ ଏବଂ ଛୋଟ ସହରଗୁଡ଼ିକର ସମୃଦ୍ଧି ପାଇଁ ଉଦ୍ୟୋଗକୁ ସେଠାକୁ ପହଂଚାଇବା ଆବଶ୍ୟକ। ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ବିକାଶକୁ କେବଳ ଶିଳ୍ପ କିମ୍ବା ବିନିଯୋଗର ଆକାର ଦୃଷ୍ଟିରୁ ମାପିବା ଉଚିତ ନୁହେଁ, ବରଂ ଲୋକଙ୍କ ପାଇଁ ଆମେ କେତେ ସୁଯୋଗ ସୃଷ୍ଟି କରୁଛୁ ତାହା ଦ୍ୱାରା ମାପିବା ଉଚିତ। ଏମଏସଏମଇକୁ ଲୋକଙ୍କ ଆକାଂକ୍ଷାକୁ ବାସ୍ତବରେ ରୂପାନ୍ତରିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହି କ୍ଷେତ୍ର କେବଳ ଅର୍ଥନୀତିର ଏକ ଅଂଶ ନୁହେଁ, ବରଂ ନିଯୁକ୍ତି, ଜୀବିକା ଏବଂ ଅର୍ଥନୈତିକ ସୁଯୋଗର ଏକ ପ୍ରମୁଖ ଉତ୍ସ। ଉନ୍ନତ ସହରଗୁଡ଼ିକରୁ ଅନ୍ୟ ସହର, ଗ୍ରାମ, ଆଦିବାସୀ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ଉଦ୍ୟୋଗକୁ ପହଂଚାଇବା ହେଉଛି ଏହାର ଶକ୍ତି । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଏମଏସଏମଇ ଓଡ଼ିଶାର ପାରମ୍ପରିକ ଶକ୍ତି ଏବଂ ଆଧୁନିକ ଆକାଂକ୍ଷା ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରେ। ଏହା



ଶିଳ୍ପୀମାନଙ୍କୁ ବିଶ୍ୱ ବଜାର ସହିତ, କୃଷି ଉତ୍ପାଦକୁ ମୂଲ୍ୟ ସଂଯୋଜିତ ଶିଳ୍ପ ସହିତ ଏବଂ ସ୍ଥାନୀୟ ଦକ୍ଷତାକୁ ଉଦୀୟମାନ ପ୍ରଯୁକ୍ତି ସହିତ ସଂଯୋଗ କରେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ୟମରେ ରାଜ୍ୟର ଏମଏସଏମଇ ପରିବେଶକୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏମଏସଏମଇ ପାଇଁ ସୁଧ ଖର୍ଚ୍ଚ ଭରଣା, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଏବଂ ଏମଏସଏମଇ କ୍ଲଷ୍ଟର ପାଇଁ ସହାୟତା ଏବଂ ଉଦ୍ୟମିତା ତଥା ପ୍ରଯୁକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ। ସରକାରୀ ସହାୟତାର ଅନ୍ତିମ ପର୍ଯ୍ୟାୟ ବିତରଣକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର, ଆର୍ଥିକ ସଂସ୍ଥା ଏବଂ ଶିଳ୍ପ ସଙ୍ଗଠନଗୁଡ଼ିକୁ ଜିଲ୍ଲାସ୍ତରରେ ସୁବିଧାକରଣ, ସଚେତନତା, ମାର୍ଗଦର୍ଶନ ଓ ସହାୟତା ଏବଂ ସ୍ଥାନୀୟ ଉଦ୍ୟୋଗ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଉଦ୍ୟୋଗୀମାନଙ୍କୁ ପୁଞ୍ଜି, ପ୍ରଯୁକ୍ତି, ତାଲିମ ଏବଂ ବଜାରରେ ସହଜ ପ୍ରବେଶ ମିଳିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଜାତୀୟସ୍ତରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମିତା, ଉତ୍ପାଦନ ଏବଂ ଆତ୍ମନିର୍ଭରତା ଉପରେ ଗୁରୁତ୍ୱକୁ ପ୍ରଶଂସା କରିବା ସହ ପିଏମଇଜିପି, ମୁଦ୍ରା, ସିଜିଟିଏମଏସଇ, ଷ୍ଟାର୍ଟଅପ ଇଣ୍ଡିଆ, ଷ୍ଟାଣ୍ଡ-ଅପ ଇଣ୍ଡିଆ, ପିଏମ ବିଶ୍ୱକର୍ମା, ରାମ୍ପ ଏବଂ ଏମଏସଏମଇ ଚମ୍ପିଅନ କାର୍ଯ୍ୟକ୍ରମ ଭଳି ଯୋଜନାଗୁଡ଼ିକୁ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଏହି ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୁଜାରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ) ହେମନ୍ତ ଶର୍ମା, କମିଶନର-ତଥା-ଶାସନ ସଚିବ (ଏମଏସଏମଇ ବିଭାଗ) ଶ୍ରୀମତୀ ରଶ୍ମିତା ପଣ୍ଡା, ନାଲକୋର ଚେୟାରମ୍ୟାନ-ତଥା-ମ୍ୟାନେଜିଙ୍ଗ ଡାଇରେକ୍ଟର 1 ବିଜେନ୍ଦ୍ର ପ୍ରତାପ ସିଂହ ଏବଂ ଓଏଏସଏମଇର ସେକ୍ରେଟାରୀ ଜେନେରାଲ ସାତ୍ୱିକ ସ୍ୱାଇଁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଏଏସଏମଇର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ପଣ୍ୟ ପରିବହନରେ ରେଳପଥର ସଫଳତା

**ଭୁବନେଶ୍ୱର,୧୩।୮ (ମହାଭାରତ):** ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ମୋଟ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି।

ରେଳ ନେଟୱାର୍କର ସାମ୍ପ୍ରତିକ ପୁନର୍ଗଠନ ଏବଂ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି।ମଣ୍ଡଳଗୁଡ଼ିକ ମଧ୍ୟରେ, ୨୦୨୬ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୫୯.୦୨ ଏମ୍?ଟି, ରାୟଗଡ଼ା ମଣ୍ଡଳ ୧୩.୭୧ ଏମ୍?ଟି ଏବଂ ସମ୍ବଲପୁର ମଣ୍ଡଳ ୮.୬୭ ଏମ୍‌ଟି ମାଲ୍ ପରିବହନ ପରିଚାଳନା କରିଛନ୍ତି।

ନବଗଠିତ ରାୟଗଡ଼ା ରେଳ ମଣ୍ଡଳ ପୂର୍ବତଟ ରେଳପଥର ପଣ୍ୟ ପରିବହନ ପ୍ରଦର୍ଶନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୧୩.୭୧ ନିୟୁତ ଟନ୍ ପଣ୍ୟ ପରିବହନ ପରିଚାଳନା କରିଛି, ଯାହା ପୁନର୍ଗଠିତ ରେଳ ନେଟୱାର୍କ ମଧ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ରାୟଗଡ଼ା ରେଳ ମଣ୍ଡଳର ବଢୁଥିବା ଭୂମିକାକୁ ଏହା ପ୍ରତିଫଳିତ କରୁଛି। କେବଳ ଜୁଲାଇ ୨୦୨୬ ମାସରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୩.୧୪ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ରେଳ ମଣ୍ଡଳର ପ୍ରମୁଖ ପଣ୍ୟ ମଧ୍ୟରେ ଲୌହପଥର ପରିବହନ ଜାରି ରହିଛି। ଜୁଲାଇ ମାସରେ ୨.୨୮ ନିୟୁତ ଟନ୍ ଲୌହପଥର ବୋଝେଇ କରାଯାଇଥିବା ବେଳେ ବକ୍ସାଇଟ୍ ବୋଝେଇ ୦.୧୯ ନିୟୁତ ଟନ୍ ରହିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥର ପଣ୍ୟ ବୋଝେଇରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୫୯.୦୨ ନିୟୁତ ଟନ୍, ରାୟଗଡ଼ା ରେଳ ମଣ୍ଡଳ ୧୩.୭୧ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ୮.୬୭ ନିୟୁତ ଟନ୍ ଅବଦାନ ରଖିଛନ୍ତି।

# ହିଣ୍ଡାଲ୍କୋ ବାଫ୍ଲିମାଳି ଖଣି କାର୍ଯ୍ୟପଦ୍ଧତିକୁ ଏଏସ୍ଆଇ ମାନ୍ୟତା

**ଭୁବନେଶ୍ୱର,୧୩।୮ (ମହାଭାରତ):** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ଓଡ଼ିଶାର ରାୟଗଡା ଜିଲ୍ଲାରେ ଥିବା ତାହାର ବାଫ୍ଲିମାଳି ବକ୍ସାଇଟ ଖଣି ନିମନ୍ତେ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍ଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ପ୍ରମାଣନ ହାସଲ କରିଥିବା ବିଷୟ ଘୋଷଣା କରିଛି। ଏଏସ୍ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ପ୍ରମାଣନରେ ଯୋଜନା ପ୍ରସ୍ତୁତି, ଖଣି କାର୍ଯ୍ୟ, ଉକ୍ତ ସ୍ଥାନରେ ପୂର୍ଣ୍ଣ କରିବା ଏବଂ ବାଫ୍ଲିମାଳି ବକ୍ସାଇଟ ଖଣିଗୁଡିକରୁ ବକ୍ସାଇଟକୁ କନ୍‌ଭେୟର ପରିବହନ ଆଦି ସାମିଲ ରହିଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୮.୫ ନିୟୁତ ଟନ୍ ରହିଛି। ଏହି ଖଣିଗୁଡିକ ଉତ୍କଳ ଆଲୁମିନା ବିଶୋଧନାଗାର ପରିଚାଳନା ନିମନ୍ତେ ବକ୍ସାଇଟ ଯୋଗାଣ କରୁଛି ଏବଂ ହିଣ୍ଡାଲ୍କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। ଏହି ସଫଳତା ସହିତ ବାଫ୍ଲିମାଳି ଏଏସ୍ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି କାର୍ଯ୍ୟପଦ୍ଧତି ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ହିଣ୍ଡାଲ୍କୋର ଏଏସ୍ଆଇ-ପ୍ରମାଣିକୃତ ବର୍ଗମାଳା ସମୁଦାୟ ଖଣି କାର୍ଯ୍ୟ, ସ୍ମେଲଟିଂ ଏବଂ ଡାଉନ୍‌ଷ୍ଟ୍ରିମ ଉତ୍ପାଦନ ପରିଚାଳନାରେ ୧୧ଟି କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି। ପ୍ରମାଣିକୃତ କାର୍ଯ୍ୟ ପରିଚାଳନା ବର୍ଗମାଳା ମଧ୍ୟରେ ମଉଦା, ହୀରାକୁଦ ଏଫଆରପି, ତଲୋଜା, କୁପ୍ପମ୍, ଆଲୁପୁରମ୍, ବେଲୁର, ରେଣୁକୋଟ, ବେଲଗାଭୀ, ହୀରାକୁଦ ଓ ଆଦିତ୍ୟରେ ଥିବା କାରଖାନାଗୁଡିକ ରହିଛି। ଉତ୍କଳ ଆଲୁମିନା ହିଣ୍ଡାଲ୍କୋର ଅନ୍ୟତମ ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କାର୍ଯ୍ୟ ପରିଚାଳନା କମ୍ପାନୀ ହୋଇଛି, ଯାହା ବାର୍ଷିକ ପ୍ରାୟ ୨.୬୭ ନିୟୁତ ଟନ୍ ଆଲୁମିନା ଉତ୍ପାଦନ କରୁଛି। ବିଶୋଧନାଗାର ନିମନ୍ତେ ବକ୍ସାଇଟର ପ୍ରାଥମିକ ଉତ୍ସ ଭାବରେ ବାଫ୍ଲିମାଳି ଆଲୁମିନିୟମ ଉତ୍ପାଦନକୁ ସମର୍ଥନ କରିବାରେ ଏକ ରଣନୈତିକ ଭୂମିକା ନିର୍ବାହ କରୁଛି। କୈଳାସ ପାଣ୍ଡେ, ସିଇଓ-ଆଲୁମିନିୟମ ଅପଷ୍ଟ୍ରିମ, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ କହିଥିଲେ, "ହିଣ୍ଡାଲ୍କୋ ପାଇଁ ବାଫ୍ଲିମାଳି ଏକ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଏବଂ ଆମର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ହୋଇଛି।

# ଶିକ୍ଷା ହିଁ ପ୍ରଗତିର ଅସଲ ଚାବିକାଠି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୩।୮ (ମହାଭାରତ):** ଯେଉଁ ଅଂଚଳରେ ଶିକ୍ଷାର ମୂଳଦୁଆ ମଜବୁତ୍ ଥାଏ, ସେହି ଅଂଚଳର ପ୍ରଗତିକୁ କେହି ରୋକିପାରିବେ ନାହିଁ ବୋଲି ଆଜି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମିପୂଜନ କରିବା ସହ ଅସ୍ଥାୟୀ ଭବନର ଶୁଭ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶ୍ରାବଣର ଏହି ପବିତ୍ର ମାସରେ ରେଢ଼ାଖୋଲରେ ଶିକ୍ଷାର ଏଭଳି ଏକ ସ୍ଥାୟୀ ଭିତିଭୂମିର ଶୁଭାରମ୍ଭ ହେବା ସମଗ୍ର ଅଂଚଳ ପାଇଁ ଶୁଭ ସଙ୍କେତ। ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ଇଚ୍ଛାଶକ୍ତି ଯୋଗୁଁ ଅନେକ ବର୍ଷ ପରେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଗଡାଯିବାର ସ୍ୱପ୍ନ ପୂରଣ ହୋଇପାରିଛି । ଏହା ଦ୍ୱାରା ଆଗାମୀ ଦିନରେ ଅନେକ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ବିଦ୍ୟାଳୟ ଆରମ୍ଭ ହେବା ଦ୍ୱାରା ଆମ ଅଂଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ପାଠପଢ଼ା ପାଇବା ସହ ଆଧୁନିକ ଦୁନିଆ ସହ ସହଜରେ ଯୋଡ଼ିହୋଇପାରିବେ। ସେ ଆହୁରି କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ କେବଳ ଗୋଟିଏ ସ୍କୁଲ ନୁହେଁ, ବରଂ ଏହା ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା, ଜାତୀୟତାବୋଧ ଏବଂ ସାମଗ୍ରିକ ବିକାଶର ପ୍ରମୁଖ କେନ୍ଦ୍ରବିନ୍ଦୁ। ଜାତୀୟ ଶିକ୍ଷା ନୀତିର ଦୂରଦୃଷ୍ଟି ଅନୁସାରେ ପିଲାମାନଙ୍କୁ ବହୁମୁଖୀ ବା ମଲଟି-ଡିସିପ୍ଲିନାରୀ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କୁ ଆଗାମୀ ଦିନରେ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ କରି ଗଢ଼ିତୋଳିବା ଆମର ମୂଳ ଲକ୍ଷ୍ୟ। ରେଢ଼ାଖୋଲରେ ବିକାଶର ଅନେକ ସମ୍ଭାବନା ରହିଛି ବୋଲି ପ୍ରକାଶ କରିବା ସହ ସେ କହିଛନ୍ତି କେରାଣ୍ଡି ସେତୁ ନିର୍ମାଣ ପାଇଁ ସରକାରଙ୍କ ଦ୍ୱାରା ୨୨ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ରେଢ଼ାଖୋଲ ସବ୍ ?ଡିଭିଜନର ସବୁ ଗାଁ ଓ ଅଂଚଳକୁ ବାରମାସିଆ ପକ୍କା ରାସ୍ତା ସହ ମୋବାଇଲ ନେଟୱାର୍କ ପହଂଚାଇବାକୁ ପ୍ରାଥମିକତା ଦିଆଯାଉଛି । ଜଳସେଚନ ବ୍ୟବସ୍ଥାର ସୁଧାର ସହ ଏଠାକାର ପନିପରିବା, ଫଳ ଓ ଫୁଲ ଚାଷକୁ ପ୍ରୋତ୍ସାହିତ କରି କୃଷିଜାତ ଦ୍ରବ୍ୟକୁ ବିଶ୍ୱ ବଜାରରେ ପହଂଚାଇବା ଏବଂ ବିଦେଶକୁ ରପ୍ତାନି କରିବା ଦିଗରେ କାର୍ଯ୍ୟ ଚାଲିଛି। ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି, ସବୁ ଦଳର ରାଜନୈତିକ ବିଚାର ଭିନ୍ନ ହୋଇପାରେ, କିନ୍ତୁ ଲୋକଙ୍କ କଲ୍ୟାଣ, ସେବା ଓ ଦାୟିତ୍ୱ ସର୍ବୋପରି । ରେଢ଼ାଖୋଲର ଉନ୍ନତିରେ ହିଁ ସମ୍ବଲପୁରର ବିକାଶ ଅନ୍ତର୍ନିହିତ ଏବଂ ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କ ସମୃଦ୍ଧି ପାଇଁ ଆମ ସରକାର ସଂକଳ୍ପବଦ୍ଧ। ବୋଲି ସେ କହିଥିଲେ । କାର୍ଯ୍ୟକ୍ରମ ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଏବଂ ରେଢ଼ାଖୋଲ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




# ଗୁରୁ ରବି ଦାସଙ୍କ ଜନ୍ମ ଜୟନ୍ତୀ କଳସ ବନ୍ଦନ ଅଭିଯାନ

**ଭୁବନେଶ୍ୱର,୧୩।୮ (ମହାଭାରତ):** ତ୍ରୟୋଦଶ - ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଏବଂ ଧର୍ମାନ୍ତୀରଣ ପ୍ରକ୍ରିୟା କାରଣରୁ ସାମାଜିକ ବୈଷମ୍ୟ ଓ ଜାତିଭେଦର ଅସ୍ପୃଶ୍ୟତା ପ୍ରମୁଖ ଶିଖରରେ ପହଁଚିଥିଲା । ସାମଗ୍ରିକ ଭାବେ ସତାନତ ଧର୍ମ ମଧ୍ୟ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲା । ଦୀର୍ଘ ୧୨୦୦ ବର୍ଷ ଧରି ଦେଶ ପରାଧୀନ ଥିଲା । ଇଂରେଜଙ୍କ ଠାରୁ ଆରମ୍ଭ କରି ମୋଗଲ ପର୍ଯ୍ୟନ୍ତ ସଭିଏଁ ସନାତନ ଧର୍ମକୁ ବାରମ୍ବାର ଆକ୍ରମଣ କରିଥିଲେ । ମାତ୍ର ସନ୍ଥ ଶିରୋମଣି ଗୁରୁ ରବି ଦାସ ମହାରାଜଙ୍କ କାରଣରୁ ଏହି ସନାତନ ଧର୍ମର ରକ୍ଷା ହେବା ସହିତ ଅନେକ ସଂସ୍କାର ଆସିଥିଲା ଏହି ଧର୍ମ ସହ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ । ଆଜି ଆମକୁ ଯେଉଁ ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ମିଳିଛି, ଏହାପଛରେ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ପୂଜ୍ୟ ସନ୍ଥ ଗୁରୁ ରବି ଦାସ ମହାରାଜ ଅଟନ୍ତି। ଓଡ଼ିଶାପ୍ରଦେଶରେ ସନ୍ଥଜୀଙ୍କ ବାର୍ତ୍ତାକୁ ନେଇ ସବୁଗାଁରେ ପହଂଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ରବି ଦାସଜୀଙ୍କ ବାର୍ତ୍ତାକୁ ଓଡ଼ିଶାର ସବୁ ଜିଲ୍ଲାରୁ ବ୍ଲକ ଓ ମଣ୍ଡଳସ୍ତର ପର୍ଯ୍ୟନ୍ତ ପହଂଚାଇବା ପାଇଁ ବିଜେପି ସଂକଳ୍ପବଦ୍ଧ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାକାର କରିବା ପାଇଁ ବିଜେପିର ପ୍ରୟାସ ନିଶ୍ଚିନ୍ତ ସଫଳ ହେବ ବୋଲି ରାଜ୍ୟ ସଭାପତି ମନମୋହନ



ସାମଲ କହିଛନ୍ତି । ସନ୍ଥ ଗୁରୁ ରବି ଦାସଜୀ କେବଳ ଜଣେ ସନ୍ଥ ନ ଥିଲେ । ସେ ଥିଲେ ସାମାଜିକ ପରିବର୍ତ୍ତନର ବିପ୍ଳବୀ ଚେତନା । ଯେତେବେଳେ ସମାଜ ଅସ୍ପୃଶ୍ୟତା ଓ ଜାତିଭେଦ ଶୃଙ୍ଖଳାରେ ବନ୍ଧା ଥିଲା ସେତେବେଳେ ସନ୍ଥ ରବି ଦାସ ଜନ୍ମ ନେଇଥିଲେ । ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁ, ଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ । ଆଜି ବିକଶିତ ଭାରତର ସଂକଳ୍ପ ମଧ୍ୟ ସେହି ଚିନ୍ତାଧାରରେ ପର୍ଯ୍ୟବେଶିତ ବୋଲି ଉପମୁଖ୍ୟମନ୍ତ୍ରୀ ମତୀ ପ୍ରଭାତୀ ପରିଡା କହିଛନ୍ତି । ଏହି ଅବସରରେ ସାଧୁ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହିମା ଧର୍ମର କୌପିନଧାରୀ ସାଧୁ ପାଗଳ ବାବା, ଅଲେଖ ମହିମା ସାଧୁ ସ୍ୱାମୀ ରମେଶ ବାବା, ଯୋରନ୍ଦା ଗାଦି ସଭାପତି ବାବା ବିଶ୍ୱନାଥ, ବାବା ଅଭିନାଶ ଦାସ ମହାରାଜ, ସ୍ୱାମୀ ହରିଶଙ୍କର ମହାରାଜ, ସ୍ୱାମୀ ବିଶ୍ୱମ୍ଭର ଦାସ ମହାରାଜ, ଯୋଗୀ ମହାରାଜ, ଚୈତନ୍ୟ ବାବା, ହିମାଂଶୁ ବାବା, ଅସୀମାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଶ୍ରୁତିସାଗର, ତ୍ରିଲୋକେଶ୍ୱର ଭାରତୀ, ଅଭଦୂତ ମହାରାଜ, ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସମେତ ଅନେକ ସାଧୁସନ୍ଥ ସାମିଲ ହୋଇ ସନ୍ଥ ଗୁରୁ ରବି ଦାସଙ୍କ ଆଦର୍ଶ ଓ ତାଙ୍କ ସମାଜ ପ୍ରତି ବାର୍ତ୍ତାକୁ ଆଲୋକପାତ କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଗୁରୁ ରବି ଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ଗତ ଜୁଲାଇ ୨୯ ତାରିଖରୁ ଆସନ୍ତା ବର୍ଷ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଦ'ସନ୍ଥ ଶିରୋମଣି ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯାଉଛି।

# ଚେଇଷ୍ଟା କୋଚର ନଜ୍ ପୁରସ୍କାର

**ଭୁବନେଶ୍ୱର,୧୩।୮ (ମହାଭାରତ):** ଇଣ୍ଡିଆନ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି ଏବଂ ଚେଇଷ୍ଟା କୋଚର ଫାଉଣ୍ଡେସନର ସହଭାଗିତାରେ ଚେଇଷ୍ଟା କୋଚର ନଜ୍ ପୁରସ୍କାର ୨୦୨୬ ଅନୁଷ୍ଠିତ ହୋଇଥିଲା। ଗ୍ରାମାଂଚଳ ଏବଂ ସ୍ୱଳ୍ପ ଆୟକାରୀ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ମଜବୁତ କରିବାରେ ସାହାଯ୍ୟ କରିବା ପାଇଁ ହ୍ୱାଟ୍ସଆପ୍, ଏସ୍ଏମ୍ଏସ୍ ଏବଂ ସ୍ୱୟଂଚାଳିତ କଲ୍ ମାଧ୍ୟମରେ, ପାଠ୍ୟକ୍ରମ-ସଂଯୁକ୍ତ ମାଇକ୍ରୋ-ଲର୍ଣ୍ଣିଂ ବ୍ୟବହାର କରୁଥିବା ଏକ ସରକାରୀ ଡିଜିଟାଲ୍ ପ୍ୟାରେଂଟାଲ୍ ଏନଗେଜମେଂଟ ପ୍ରୋଗ୍ରାମ 'ପ୍ରକାଶକ' ପାଇଁ ଓଡିଶାର ବିନାୟକ ଆଚାର୍ଯ୍ୟଙ୍କ ପ୍ରତିନିଧିତ୍ୱ କରୁଥିବା ଥିଙ୍କଜୋନ୍ କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନୀତି ନିର୍ମାତା, ଆଚରଣଗତ ବୈଜ୍ଞାନିକ, ଶିକ୍ଷାବିତ୍, ସାମାଜିକ ଉଦ୍ୟୋଗୀ ଏବଂ ଜନନେତାମାନଙ୍କୁ ଏକତ୍ରିତ କରି ବ୍ୟାବହାରିକ ବିଜ୍ଞାନର ଅଭିନବ ପ୍ରୟୋଗକୁ ପାଳନ କରିବା ପାଇଁ ଏକତ୍ରିତ ହୋଇଥିଲେ ଯାହା ସମଗ୍ର ଭାରତରେ ବାସ୍ତବ ବିଶ୍ୱ ସାର୍ବଜନୀନ ନୀତି ଏବଂ ବିକାଶ ଆହ୍ୱାନର ସମାଧାନ କରିଥାଏ। ନୀତି ନିର୍ଦ୍ଧାରଣରେ ବ୍ୟାବହାରିକ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରି ଡକ୍ଟର ଅଶୋକ ଲାହିରୀ କହିଛନ୍ତି, 'ସାର୍ବଜନୀନ ନୀତିରେ ଭାରତର ପରବର୍ତ୍ତୀ ଦିଗ କେବଳ ଉନ୍ନତ ଯୋଜନା ପ୍ରସ୍ତୁତ କରିବା ନୁହେଁ, ବରଂ ନାଗରିକମାନେ ପ୍ରକୃତରେ କିପରି ବ୍ୟବହାର କରୁଛନ୍ତି ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା। ବ୍ୟକ୍ତିଗତ ସ୍ୱାଧୀନତା ଛଡ଼ାଇ ନନେଇ ପସନ୍ଦ ଉପସ୍ଥାପନ କରିବାର ପଦ୍ଧତିକୁ ସୂକ୍ଷ୍ମ ଭାବରେ ପରିବର୍ତ୍ତନ କରି ନଜ୍ ଏହି ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରିପାରିବ। ସେ ବ୍ୟାବହାରିକ ଅଡିଟ୍, କ୍ଷେତ୍ର ପରୀକ୍ଷଣ ଏବଂ ଡିଜିଟାଲ ସାର୍ବଜନୀନ ଭିର୍ତିଭୂମିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ ଯାହା କାର୍ଯ୍ୟ କରୁଥିବା ହସ୍ତକ୍ଷେପ ପରୀକ୍ଷଣ, ମାପ ଏବଂ ଦ୍ରୁତ ଗତିରେ ମାପ କରିଥାଏ, ଯାହା ଶାସନକୁ ଅଧିକ ନାଗରିକ କୈନ୍ଦ୍ରିକ, ଫଳାଫଳ-ଆଧାରିତ ଏବଂ ଆର୍ଥିକ ଦୃଷ୍ଟିରୁ ଦକ୍ଷ କରିଥାଏ।'

# ପିଲାଙ୍କୁ ଆୟୋଡିନ ପୋଷଣ ଯୋଗାଉଛି ଆଇଟିସି ଆଶୀର୍ବାଦ

**ଭୁବନେଶ୍ୱର,୧୩।୮ (ମହାଭାରତ):** ଚଳିତ ବର୍ଷ ରଥ ଯାତ୍ରାରେ ଯାହା ଏକ ପାର୍ବଣକାଳୀନ ସଚେତନତା ପ୍ରୟାସ ଭାବରେ ଆରମ୍ଭ ହୋଇଥିଲା ତାହା ସମ୍ପ୍ରତି ପିଲାମାନଙ୍କର ପୋଷଣ ପ୍ରତି ସ୍ଥାୟୀ ପ୍ରତିବଦ୍ଧତାରେ ପରିଣତ ହୋଇଛି। ଏହାର 'ଆୟୋଡିନ କା ତିଲକ୍' ଅଭିଯାନର ସଫଳତା ଆଧାରରେ ଆଇଟିସିର ଆଶୀର୍ବାଦ ସଲ୍ଟ ୬ ଲକ୍ଷରୁ ଅଧିକ ପିଲାଙ୍କ ଭୋଜନ ନିମନ୍ତେ ଆୟୋଡିନଯୁକ୍ତ ଲୁଣ ଯୋଗାଇଦେବାକୁ ଆଶା କିରଣ, ଜୀବନ ଜ୍ୟୋତି, ଶ୍ରୀ ଶ୍ରୀ ମା ଆନନ୍ଦା, ରାମ କୃଷ୍ଣ ବାଲାଶ୍ରମ, ପ୍ରତିଭା ଓ ମଧୁମୟୀ ଆଦର୍ଶ ଶିକ୍ଷା ନିକେତନ ଆଦି ୭ଟି ଶିଶୁ ସଂସ୍ଥାନ (ଚିଲ୍‌ଡ୍ରେନ୍ସ ଫାଉଣ୍ଡେସନ) ସହିତ ସହଭାଗୀତା କରିଛି, ଏବଂ ଏହାଦ୍ୱାରା ପାର୍ବଣ ଊର୍ଦ୍ଧ୍ୱରେ ନିଜର ସେବା ସ୍ତମ୍ଭକୁ ସମ୍ପ୍ରସାରିତ କରିଛି। 'ଆୟୋଡିନ କା ତିଲକ୍' ପ୍ରୟାସ ୩ ଲକ୍ଷରୁ ଅଧିକ ଭକ୍ତଙ୍କ ସହିତ ଭାବ ବିନିମୟ କରିବାକୁ ସମର୍ଥ କରିବା ସହିତ ଦୈନନ୍ଦିନ ପୋଷଣରେ ଆୟୋଡିନର ଭୂମିକାକୁ ନେଇ ଅର୍ଥପୂର୍ଣ୍ଣ ଆଲୋଚନା ଆଗେଇ ନେଇଥିଲା। ୧.୫ ଲକ୍ଷ ଗ୍ଲାସ ଲେମ୍ବୁ ସରବତ ଏବଂ ପଖାଳ ତୋରାଣୀ ଓ ଚିମୁଟାଏ ଆଶୀର୍ବାଦ ଆୟୋଡିନଯୁକ୍ତ ଲୁଣର ମିଶ୍ରଣରେ ପ୍ରସ୍ତୁତ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପାନୀୟ ଟଙ୍କ ତୋରାଣୀ ବଣ୍ଟନ କରାଯାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ବ୍ୟଞ୍ଜନ ପ୍ରସ୍ତୁତି ଐତିହ୍ୟକୁ ପାଳନ କରିବା ସହିତ ଦୈନନ୍ଦିନ ଭୋଜନଗୁଡିକରେ ଆୟୋଡିନଯୁକ୍ତ ଲୁଣର ଭୂମିକାକୁ ପୁନଃ ସୁଦୃଢ଼ୀକରଣ କରିଥିଲା। ଆଶୀର୍ବାଦ ସଲ୍ଟ ନିମନ୍ତେ ଏହି ପାର୍ବଣ କେବେହେଲେ ଶେଷ ବିନ୍ଦୁ ଭାବରେ ଉଦ୍ଦିଷ୍ଟ ନଥିଲା।

# ସିଡ୍କୋ ଆବାସିକ ପ୍ରକଳ୍ପ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର,୧୩।୮ (ମହାଭାରତ):** ଓଡ଼ିଶାର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ନଭି ମୁମ୍ବାଇର ଖାରକୋପର ଓ ବାମନଡୋଙ୍ଗରୀସ୍ଥିତ ସିଡକୋର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହର ଅଧୀନରେ ନିର୍ମିତ ସୁଲଭ ଆବାସ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ବୃହତ୍ ପରିମାଣରେ ସୁଲଭ ଆବାସ ନିର୍ମାଣ ପାଇଁ ଆଧୁନିକ ନିର୍ମାଣ ପ୍ରଯୁକ୍ତି ଓ ଅଭିନବ ଯୋଜନା ମଡେଲ୍ ସମ୍ପର୍କରେ ଅନୁଭୂତି ହାସଲ କରିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଆର୍ଥିକ ଦୁର୍ବଳ ବର୍ଗ ଓ ନିମ୍ନ ଆୟ ବର୍ଗ ପାଇଁ ସିଡ୍କୋ ପକ୍ଷରୁ ନିର୍ମିତ ଆବାସ ପ୍ରକଳ୍ପରେ ଦ୍ରୁତ ନିର୍ମାଣ, ଗୁଣବଲା ନିଶ୍ଚିତକରଣ, ସମନ୍ୱିତ ଟାଉନସିପ୍ ଯୋଜନା, ସ୍ଥାୟୀତ୍ୱ ଓ ଉଲମ ଯୋଗାଯୋଗ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ ଅନୁଧାନ କରିଥିଲେ। ସିଡ୍କୋର ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ଯୋଜନା, ଡିଜାଇନ୍, ଅର୍ଥାୟନ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ପ୍ରକଳ୍ପରେ ପ୍ରିକାଷ୍ଟ କଂକ୍ରିଟ୍ ପ୍ରଯୁକ୍ତି, କାରଖାନାରେ ପ୍ରସ୍ତୁତ ନିର୍ମାଣ ଉପାଦାନ, ଯାନ୍ତ୍ରିକ ନିର୍ମାଣ ପଦ୍ଧତି ଏବଂ ଆଲୁମିନିୟମ୍ ଫର୍ମୱାର୍କ ପ୍ରଣାଳୀର ବ୍ୟାପକ ବ୍ୟବହାର ମନ୍ତ୍ରୀ ଦେଖିଥିଲେ । ଏହି ପ୍ରଯୁକ୍ତିଗୁଡ଼ିକ ନିର୍ମାଣ ସମୟ କମାଇବା ସହ ଗୁଣବଲା, ସୁରକ୍ଷା ଓ ଢାଂଚାର ସ୍ଥାୟୀତ୍ୱ ବୃଦ୍ଧି କରିଥାଏ । ଏଥିସହ ନିର୍ମାଣ ସାମଗ୍ରୀର ଅପଚୟ ହ୍ରାସ ଓ ସମ୍ବଳର ସର୍ବୋତମ ବ୍ୟବହାର ସମ୍ଭବ ହୋଇଥାଏ ।ମନ୍ତ୍ରୀ ଡ. ମହାପାତ୍ର ପ୍ରକଳ୍ପଗୁଡ଼ିକରେ ଗ୍ରହଣ କରାଯାଇଥିବା ସ୍ଥାୟୀ ବିକାଶମୂଳକ ବ୍ୟବସ୍ଥାଗୁଡ଼ିକର ମଧ୍ୟ ଅନୁଧାନ କରିଥିଲେ। ମେଟ୍ରୋ କରିଡର, ଉପନଗରୀୟ ରେଳ ଷ୍ଟେସନ୍, ବସ୍ ସେବା ଓ ପ୍ରମୁଖ ସଡ଼କ ନେଟୱାର୍କ ନିକଟରେ ସୁଲଭ ଆବାସର ସମନ୍ୱିତ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସିଡ୍କୋର ପ୍ରକଳ୍ପ ଯୋଜନା, କାର୍ଯ୍ୟାନ୍ୱୟନ ଓ ଗୁଣବତା ନିଶ୍ଚିତକରଣ ପଦ୍ଧତିକୁ ଡ. ମହାପାତ୍ର ପ୍ରଶଂସା କରିଥିଲେ। ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହର) ସମେତ ବିଭିନ୍ନ ସହରୀୟ ଆବାସ ଯୋଜନାକୁ ଆହୁରି ବ୍ୟାପକ କରାଯାଉଥିବା ପରିପ୍ରେକ୍ଷୀରେ ସିଡ୍କୋର ଅନୁଭୂତି ଓଡ଼ିଶା ପାଇଁ ମୂଲ୍ୟବାନ ଶିକ୍ଷଣୀୟ ବିଷୟ ହୋଇପାରିବ ବୋଲି ସେ କହିଥିଲେ। ପରିଦର୍ଶନ ସମୟରେ ସିଡ୍କୋର ଅଧୀକ୍ଷଣ ଯନ୍ତ୍ରୀ ବିଜୟ ପାଟିଲ, କରାଡେ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମହେଶ ସାପକାଲେ, ଟାଟା ପରମର୍ଶଦାତା ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର ସାମନ୍ତରାୟ, ଅନ୍ୟାନ୍ୟ ପ୍ରତିନିଧି, ଏଲ ଆଣ୍ଡ ଟି ପ୍ରକଳ୍ପ ପରିଚାଳକ ଶ୍ରୀ କରୁଣାନିଧିଙ୍କ ସମେତ ବହୁ ବୈଷୟିକ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅନୁଭୂତି ଓ ଶିକ୍ଷଣୀୟ ବିଷୟଗୁଡ଼ିକୁ ଓଡ଼ିଶାର ଭବିଷ୍ୟତ ସୁଲଭ ଆବାସ ପ୍ରକଳ୍ପରେ ଉପଯୁକ୍ତ ଭାବେ ଗ୍ରହଣ କରିବା ନେଇ ବିଚାର କରାଯିବ। ଏହା ଦ୍ୱାରା ଦ୍ରୁତ, ପ୍ରଯୁକ୍ତିଭିତିକ, ସ୍ଥାୟୀ ଓ ନାଗରିକ-କୈନ୍ଦ୍ରିକ ସହରୀୟ ଆବାସ ବିକାଶ ପ୍ରତି ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା ଆହୁରି ସୁଦୃଢ଼ ହୋଇପାରିବ।



# ରାଜନୈତିକ ଅସ୍ଥିରତା

ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଛି।ପାକିସ୍ତାନ ନିକଟରେ ଶକ୍ତିଶାଳି ଲଢୁଆ ବିମାନ, ଟ୍ୟାଙ୍କ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ ସଂଗ୍ରହ କରୁଥିଲା। କିଛି ବର୍ଷ ତଳେ ରୁଷ ମଧ୍ୟ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳି କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧ୍ୟମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀ ମାନେ ନରସଂହାର ଚଳାଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନକୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଡେନ ଲୁଚି ରହିଥିଲା। ଆମେରିକା ସେନା ତାକୁ ଖୋଜିଖୋଜି ହତ୍ୟା କଲା। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଭସ୍ମାସୁର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବେଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ୍ୟ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିର ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅବସ୍ଥାପିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୌଣସି ବିବାଦ ନାହିଁ। ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ। ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉତ୍ତେଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। କାବୁଲ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ଭାରତ ଏକ ନୂତନ ବନ୍ଧୁ ସୃଷ୍ଟି କରିବା ଉଚିତ। ଭାରତର ଅନ୍ୟତମ ପଡ଼ୋଶୀ ବାଂଲାଦେଶରେ ସରକାର ପରିବର୍ତ୍ତନ ପରେ ନୂଆ ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୂଟନୈତିକ ଏବଂ ସାମରିକ ସ୍ତରରେ ଲଢ଼ିବା ପାଇଁ ଆଫଗାନିସ୍ତାନ ସହ ବନ୍ଧୁତାର ନିହାତି ଆବଶ୍ୟକତା ରହିଛି। ସୁଯୋଗକୁ ହାତ ଛଡ଼ା କରିବା ଅନୁଚିତ। ଏହି ସୁଯୋଗରେ କାଶ୍ମୀର ପ୍ରସଙ୍ଗରେ ଭାରତ ଜଣେ ସମର୍ଥକ ପାଇପାରିବ ଏବଂ ପାକିସ୍ତାନକୁ ଦୁର୍ବଳ କରିପାରିବ। ପାକିସ୍ତାନ ଭାରତ ପରିବର୍ତ୍ତେ ଆଫଗାନିସ୍ତାନର ମୁକାବିଲା ଉପରେ ଅଧିକ ମନୋନିବେଶ କରିବାକୁ ବାଧ୍ୟ ହେବ। କାଶ୍ମୀରରେ ପାକିସ୍ତାନ ଯେଉଁ ଅସ୍ତ୍ର ପ୍ରୟୋଗ କରିଛି, ଏବେ ସେହି ଅସ୍ତ୍ର ପାକିସ୍ତାନ ବିରୋଧରେ ପ୍ରୟୋଗ କରିବାର ସମୟ ଆସିଛି। ବେଲୁଚିସ୍ତାନରେ ପାକିସ୍ତାନ ବିରୋଧୀ ଅଭିଯାନ ଯୋର ଧରିବା ଫଳରେ ପାକିସ୍ତାନରେ ରାଜନୈତିକ ଅସ୍ଥିରତା ମଧ୍ୟ ସୃଷ୍ଟି ହେବ।

# ବିଶ୍ୱ ସମସ୍ୟା

॥ ଅଲେଖ ଚନ୍ଦ୍ର ସାମଲ ॥

"ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେଡ଼ୁା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

ପୂର୍ବତନ ଡିଏଫଓ (କେନ୍ଦୁଲିଫ) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩

# ଜୀବନ ଚଳଣୀର ମୂଳ ମନ୍ତ୍ର

॥ ଯଶସ୍ୱିନୀ ପଟ୍ଟନାୟକ ॥

ଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ । ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମୀୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।

# ମନ ମୋହର ଶ୍ରେଷ୍ଠ ଗୁରୁ

॥ ପ୍ରଦୀପ୍ତ କୁମାର ମିଶ୍ର ॥

ଏକଦା ଯଦି ପ୍ରଶ୍ନ କରାଯାଏ ଏ ପୃଥିବୀରେ ସବୁଠାରୁ କ୍ଷିପ୍ର କିଏ,ତେବେ ତାର ଉତ୍ତର କେଳ ମନ ହିଁ ଆସିବ। ମଣିଷର ମନ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସବୁଠାରୁ ଚଳଚଞ୍ଚଳ ଏକଥା ସମସ୍ତେ ସ୍ୱୀକାର କରିବେ। ତେବେ ଏହି ମନର ଶକ୍ତିକୁ ପରିବର୍ଦ୍ଧିତ କରି ଜଣେ ମହାପୁରୁଷ ଆଖ୍ୟା ପାଇଥାଏ। ମଣିଷ ପାଇଁ ଏହି ମନ ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ଆଶୀର୍ବାଦ। ଏଇଠି ଅଛି ପୁଣି ଏଇଠି ନାହିଁ କେଳ ଏହି ମନ। ମନନଶୀଳ ହେଲେ ସବୁଭଲ ମନକୁ ଆୟତରେ ନରଖି ପାରିଲେ ସବୁ କେମିତି ଅବାସ୍ତବ ହୋଇଯାଏ। ମନର ପରିବର୍ତ୍ତନ ହେଲେ ସୁନା, ପିତ୍ତଳ ହୋଇଯାଏ, ମନ ରହିଗଲେ ଗଡ଼ିଆ ପାଣି ଗଙ୍ଗାଜଳ ହୋଇଯାଏ। ତେବେ ଏଥିରୁ ସ୍ପଷ୍ଟ ମନହିଁ ସବୁକିଛି ଓ ମନର ମୁଳରେ ହିଁ ଏ ସାରା ଜଗତ।



ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନଙ୍କ ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଥାଆନ୍ତି। ଏହି ସମୟରେ ଯୁଦ୍ଧକ୍ଷେତ୍ରରେ ସମସ୍ତ ନିଜଲୋକ ସଖା ସହୋଦରଙ୍କୁ ଯୁଦ୍ଧରେ ଅବତୀର୍ଣ୍ଣ ହେବାର ଦେଖି ଅର୍ଜୁନଙ୍କର ମନରେ ବିଷାଦ ଭରିଗଲା। ଏ ଯୁଦ୍ଧକଣ ରୋକି ହେବ ନାହିଁ ବୋଲି ତାଙ୍କମନରେ ସଂଶୟ ଭରିଗଲା। ସେ ତାଙ୍କର ଗାଣ୍ଡିବ ଥୋଇଦେଇ ଅନ୍ୟମନସ୍କ ହୋଇଗଲେ। କୃଷ୍ଣ ଏହାର କାରଣ ପଚାରନ୍ତେ ସେ ଯୁଦ୍ଧକଣ ଏକାନ୍ତ ଆବଶ୍ୟକ ଏହାର ଅନ୍ୟ କିଛି ପଦକ୍ଷେପ ନାହିଁ। ତେବେ ମୁଁ ମୋରି ନିଜମାନଙ୍କ ସହ ଯୁଦ୍ଧ ଅବା କେମିତି କରିପାରିବି। ବାଧହୋଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ତାଙ୍କର ଅତୀତର ତିକ୍ତ ଅନୁଭୂତି କଥା ସୁରାଇଦେଲେ। କିନ୍ତୁ ତଥାପି ଅର୍ଜୁନଙ୍କ ମୋହଭଙ୍ଗ ହୋଇପାରିନଥିଲା ତେବେ ତାହାପରେ ସେ ବିଶ୍ୱରୂପ ଦେଖାଇଥିଲେ। ସେହି ବିଶ୍ୱରୂପ ଦେଖି ଅର୍ଜୁନଙ୍କର ସଚେତନ ହୋଇଥିଲେ। ତେବେ ମନକୁ ଶାନ୍ତସରଳ ରଖିପାରିଲେ ଅନେକ ବଡ ବଡ କଥା ଛୋଟ ହୋଇଯାଏ। ଅନେକ ମତାନ୍ତର ମନାନ୍ତରକୁ ଏଡ଼ାଇ ସବୁଗୁଡିକ ସହଜଢଙ୍ଗରେ କରିହୁଏ।

ଏହିମନକୁ ନେଇ ଯେତେ ମହାପୁରୁଷ ମାନେ ନିଜକୁ ଶାନ୍ତ ସ୍ୱଭାବର ରଖି ଅନେକ ଅସାଧ୍ୟକୁ ସାଧ କରିପାରିଥିଲେ। ସାଧନା ପାଇଁ ଗୋଟିଏ ଉନ୍ନତ ମନର ଆବଶ୍ୟକତା ଥାଏ। ତେଣୁ ମନର ଶାନ୍ତିହିଁ ପରମ ଗୁଣର ଆବାହକ। ମଣିଷର ମନ ଏକ ଆଶ୍ଚର୍ଯ୍ୟ ସମ୍ପଦ ଏହାର ନିୟନ୍ତ୍ରଣ ମଣିଷର ଶ୍ରେଷ୍ଠ ଗୁଣର ପରିଚାୟକ ଏହାର ସନ୍ଦେହ ନାହିଁ।

ଅରେଇ, ଯାଜପୁର ୯୬୫୮୬୨୪୭୨୮



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଏସ୍‌ଏଲ୍‌ଏନ୍ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା ଓ ସାଂସ୍କୃତିକ ପରିବେଷଣରେ କମ୍ପିଲା ସହର



ରାଇଘର:(ମହାଭାରତ)ସ୍ୱାଧୀନତା ଦିବସକୁ ଆଉ ମାତ୍ର ଦୁଇଦିନ ବାକି। ଏହାକୁ ନେଇ ସାରା ଦେଶରେ ଉତ୍ସାହର ମାହୋଲ ଥିବାବେଳେ ରାଇଘରରେ ଦେଖିବାକୁ ମିଳିଛି ଦେଶପ୍ରେମର ଅନ୍ୟ ଝଲକ। ରାଇଘର ଏସ୍‌ଏଲ୍‌ଏନ୍ ପବ୍ଲିକ ସ୍କୁଲ ପକ୍ଷରୁ ସ୍ୱାଧୀନତା ଦିବସ ପାଳନର ପ୍ରସ୍ତୁତି ସ୍ୱରୂପ ଆଜି ଏକ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।ରାଇଘର ଡିଏନ୍‌କେ ଠାରୁ ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏହି ଶୋଭାଯାତ୍ରା ବାହାରିଥିଲା। ଦେଶପ୍ରେମର ସ୍ଲୋଗାନ, ସ୍ୱାଧୀନତା ସଂଗ୍ରାମୀଙ୍କ ଜୟଗାନ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହଭରା ପରିବେଷଣରେ ସମଗ୍ର ସହରରେ ସୃଷ୍ଟି ହୋଇଥିଲା ଦେଶଭକ୍ତିର ମାହୋଲ।କୁନିକୁନି ଛାତ୍ରଛାତ୍ରୀମାନେ ବିଭିନ୍ନ ଦେଶପ୍ରେମଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ନିଜ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସେମାନଙ୍କର ଉତ୍ସାହ, ଶୃଙ୍ଖଳା ଓ ଆକର୍ଷଣୀୟ ପରିବେଷଣ ଉପସ୍ଥିତ ଲୋକଙ୍କ ମନ ଜିଣିଥିଲା। ଛୋଟ ଛୋଟ ପିଲାଙ୍କ ମୁହଁରେ ଦେଶପ୍ରେମର ଭାବନା ଓ ହାତରେ ତ୍ରିରଙ୍ଗା ଦେଖି ରାଇଘରବାସୀ ମଧ୍ୟ ଉତ୍ସାହିତ ହୋଇଥିଲେ।ଏହି ଅବସରରେ ସ୍କୁଲ ସଭାପତି ଜୟଦେବ ପରିଡ଼ାଙ୍କ ସମେତ ସ୍କୁଲ କର୍ତ୍ତୃପକ୍ଷ,ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପିଲାମାନଙ୍କ ମଧ୍ୟରେ ଦେଶପ୍ରେମ, ଜାତୀୟ ଏକତା ଓ ସ୍ୱାଧୀନତା ସଂଗ୍ରାମର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଶୋଭାଯାତ୍ରା ସମୟରେ ସହରରେ ଯାତାୟାତ ସମସ୍ୟା ଯେପରି ନହୁଏ, ସେଥିପାଇଁ ରାଇଘର ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ କରାଯାଇଥିଲା। ଫଳରେ କାର୍ଯ୍ୟକ୍ରମଟି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।ସ୍ୱାଧୀନତା ଦିବସ ପୂର୍ବରୁ ଏସ୍‌ଏଲ୍‌ଏନ୍ ପବ୍ଲିକ ସ୍କୁଲର ଏହି ନିଆରା ପ୍ରୟାସ ରାଇଘରରେ ଦେଶପ୍ରେମର ଏକ ନୂଆ ଉତ୍ସାହ ସୃଷ୍ଟି କରିଛି। କୁନିକୁନି ପିଲାଙ୍କ ଦେଶପ୍ରେମଭରା ପରିବେଷଣ ଦେଖି ସାଧାରଣ ଲୋକେ ଖୁସି ପ୍ରକାଶ କରିବା ସହ ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ଲୋକଙ୍କ ସେବାରେ ଜେଏସ ଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ - ଅନିଲ ସିଂ



ପାରାଦୀପ, (ମହାଭାରତ) : ଲୋକଙ୍କ ସହିତ ଓ ଲୋକଙ୍କ ସେବାରେ ସଦାସର୍ବଦା ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବାର ଅନନ୍ୟ ଶୈଳୀ ଆପଣାଇବାକୁ ଯାଉଛି କମ୍ପାନୀ। ଆଜି ଜେଏସ ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ଼ କମ୍ପାନୀର ସଭାପତି ଅନିଲ ସିଂ ଢ଼ିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଂଚାୟତର ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ବେଳେ ଏହା ପ୍ରକାଶ କରିଛନ୍ତି। କମ୍ପାନୀର ଅଗ୍ରଗତି ସମୀକ୍ଷା କରିବାକୁ ପାରାଦୀପ ଆସି ଅନିଲ ସିଂ ଆଜି ଦିନ ତମାମ ଏହି ତିନି ପଂଚାୟତ ଲୋକଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଲୋକମାନେ ମୁଖ୍ୟତଃ ସ୍ଥାନୀୟ ନିଯୁକ୍ତି ଉପରେ ବିଶେଷ ଜୋର ଦେଇଥିବା ବେଳେ ତିନି ପଂଚାୟତର ଭିତିଭୂମିର ବିକାଶ, ଲୋକଙ୍କ ଆର୍ଥିକ ଉନ୍ନତି, ଯୁବ ଓ କ୍ରୀଡାର ବିକାଶ ପାଇଁ ଖେଳପଡିଆ , ଉନ୍ନତ ଚିକିତ୍ସାଳୟ, ଗରିବ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ କୋଚିଂର ସୁବିଧା, ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ, ଗମନାଗମନର ବିକାଶ ଜଳ ନିଷ୍କାସନର ସ୍ଥାୟୀ ସୁବିଧା, ଗଡକୁଜଙ୍ଗ ମନ୍ଦିର ଓ ମାଉସୀମା ମନ୍ଦିରର ସ୍ୱତନ୍ତ୍ର କାରିଗର ମାନଙ୍କ ଦ୍ୱାରା ଉନ୍ନତିକରଣ ଉପରେ ନିଜର ମତ ପ୍ରକାଶ କରିଥିଲେ। ଦୀର୍ଘ ସମୟ ଅନିଲ ସିଂ ଲୋକଙ୍କ ସହ ଏହି ସବୁ ବିଷୟରେ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାର ସରଳ ସମାଧାନ କରିହେବ ସେନେଇ ଦୃଢ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

## ଜନସେବାକୁ ଗୁରୁତ୍ୱ : ଅଭିଯୋଗ ଶୁଣିବା ପାଇଁ ହ୍ୱାଟ୍ସଆପ୍ ନମ୍ବର ଜାରି

କଣ୍ଠାପଡ଼ା, (ମହାଭାରତ): ସାଧାରଣ ଲୋକଙ୍କ ସମସ୍ୟା ଓ ଅଭିଯୋଗକୁ ଗୁରୁତ୍ୱ


ତହସିଲ କାର୍ଯ୍ୟାଳୟ, କଣ୍ଠାପଡ଼ା

ତହସିଲରେ ଉପଲବ୍ଧ ଯେକୌଣସି ସେବା ସମ୍ବନ୍ଧୀୟ ଅଭିଯୋଗ ପାଇଁ whatsapp ନମ୍ବରରେ ଜଣାନ୍ତୁ

୮୨୮୦୯୩୪୭୧୪

ଆପଣଙ୍କ ଅଭିଯୋଗ, ଆମ ପ୍ରାଥମିକତା


ଦେଇ ତ୍ୱରିତ ସମାଧାନ ଦିଗରେ ଏକ ନୂଆ ପଦକ୍ଷେପ ନେଇଛି କଟକ ଜିଲ୍ଲା କଣ୍ଠାପଡ଼ା ତହସିଲ ପ୍ରଶାସନ। ଲୋକମାନେ ତହସିଲ କାର୍ଯ୍ୟାଳୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ସେବା ନେଇ ନିଜ ଅଭିଯୋଗ ସିଧାସଳଖ ଜଣାଇପାରିବେ, ସେଥିପାଇଁ ଏକ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ନମ୍ବର ଜାରି କରାଯାଇଛି। ତହସିଲଦାର ଶୁଭଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ଜମିଜମା, ରାଜସ୍ୱ, ପ୍ରମାଣପତ୍ର ଓ ତହସିଲ କାର୍ଯ୍ୟାଳୟରୁ ମିଳୁଥିବା ବିଭିନ୍ନ ସେବା ସମ୍ପର୍କରେ ଯଦି କୌଣସି ଅଭିଯୋଗ କିମ୍ବା ସମସ୍ୟା ରହିଥାଏ, ତେବେ ଲୋକେ ହ୍ୱାଟ୍ସଆପ୍ ମାଧ୍ୟମରେ ତାହା ଜଣାଇପାରିବେ। ଏହି ପଦକ୍ଷେପ ଦ୍ୱାରା ସାଧାରଣ ଲୋକଙ୍କୁ ପ୍ରତ୍ୟେକ ଛୋଟବଡ଼ ସମସ୍ୟା ପାଇଁ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଆସିବାର ଆବଶ୍ୟକତା କମିବ। ଅଭିଯୋଗ ପାଇବା ପରେ ତାହାକୁ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ କରିବା ଦିଗରେ ପ୍ରଶାସନ ଗୁରୁତ୍ୱ ଦେବ। ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗକୁ ଅଧିକ ସୁଗମ କରିବା, ସ୍ୱଚ୍ଛତା ଓ ଜନସେବାକୁ ଅଧିକ ସୁଦୃଢ଼ କରିବାରେ ଏହି ବ୍ୟବସ୍ଥା ସହାୟକ ହେବ ବୋଲି ଆଶା କରାଯାଉଛି। ତହସିଲ ଅଞ୍ଚଳର ଲୋକମାନେ ଏହି ସୁବିଧାର ସୁଯୋଗ ନେଇ ନିଜ ସମସ୍ୟା ଓ ଅଭିଯୋଗ ପ୍ରଶାସନର ଦୃଷ୍ଟିକୁ ଆଣିବାକୁ ଅନୁରୋଧ କରାଯାଇଛି।

## ପାରାଦୀପ ପୋର୍ଟ ବିଲ୍‌ଡର୍ସ ଆସୋସିଏସନ ର ସଦସ୍ୟ ତଥା ବରିଷ୍ଠ ଠିକାଦାର ଗିରିଧାରୀ ସ୍ୱାଇଁ ଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ପାରାଦୀପ, (ମହାଭାରତ): ପାରାଦୀପ ପୋର୍ଟ ବିଲ୍‌ଡର୍ସ ଆସୋସିଏସନ୍ ର ପ୍ରମୁଖ ସଭ୍ୟ ତଥା ପାରାଦୀପ ବନ୍ଦରରେ ଦୀର୍ଘ ୩୦ ରୁ ୪୦ ବର୍ଷ ଧରି ଠିକାଦାର ଭାବେ କାର୍ଯ୍ୟ କରିଥିବା ଗିରିଧାରୀ ସ୍ୱାଇଁ (୭୬) ଙ୍କ ଗତ ଅଗଷ୍ଟ ୪ ତାରିଖରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପୋର୍ଟ ବିଲ୍‌ଡର୍ସ ଆସୋସିଏସନ୍ ପକ୍ଷରୁ ଗୁରୁବାର ସକାଳ ୯ ଘଟିକା ସମୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ବଡପଡିଆ ଦୂର୍ଗା ମନ୍ଦିର ପାର୍ଶ୍ୱ ପରିସରରେ ଆୟୋଜିତ ହୋଇଥିଲା। ଶୋକ ସଭାରେ ପୋର୍ଟ ବିଲ୍‌ଡର୍ସ ଆସୋସିଏସନ୍ ର ଉପଦେଷ୍ଟା ବାବାଜୀ ଚରଣ ବିଶ୍ୱାଳ, ବଂଶୀଧର ସ୍ୱାଇଁ,ସଭାପତି ଅମିୟ କୁମାର ପାଣି, ଉପସଭାପତି ରଶ୍ମିରଞ୍ଜନ ସ୍ୱାଇଁ, ସମ୍ପାଦକ ବିଭୁନ୍ଦ୍ର ମହାପାତ୍ର, ସହ ସମ୍ପାଦକ କରୁଣାକର ରାଉତ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ଦାଶ ଙ୍କ ସମେତ ନିଲୁ କିଶୋର୍ ନାୟକ, ଶଶି କାନ୍ତ ନାୟକ, ଅକ୍ଷୟ କୁମାର ସ୍ୱାଇଁ, ଶଶି କାନ୍ତ ସ୍ୱାଇଁ, ହୃଷିକେଶ ପରିଡ଼ା, ପ୍ରବୀର ରାଉତ୍, ପ୍ରଦିପ ସେଠୀ, ଗୋଲେଖ ଚନ୍ଦ୍ର ଦାସ, ଅନିଲ ଧଳ, ପ୍ରତାପ ଚନ୍ଦ୍ର ମଥାନ, ଧର୍ମାନନ୍ଦ ନାୟକ, କୁମର ବର ନାୟକ, ଅଖିଳ ନାୟକ, ବୈକୁଣ୍ଠ କୁମାର ଦାସ ପ୍ରମୁଖ ସଭ୍ୟ ଉପସ୍ଥିତ ରହି ସ୍ୱର୍ଗତ ଗିରିଧାରୀ ସ୍ୱାଇଁ ଙ୍କ ସ୍ମୃତି ଚାରଣ ଏବଂ ଶୋକ ପାଳନ କରିଥିଲେ।

## ଗଜପତିରେ 'ହର ଘର ତ୍ରିରଙ୍ଗା-୨୦୨୬' ଉତ୍ସବମୁଖର ପରିବେଶରେ ବାହାରିଲା ବିଶାଳ ତ୍ରିରଙ୍ଗା ବାଇକ୍ ରାଲି



ଗଜପତି, (ମହାଭାରତ) : 'ହର ଘର ତ୍ରିରଙ୍ଗା-୨୦୨୬' ଅଭିଯାନ ଉପଲକ୍ଷେ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ଭବ୍ୟ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ରାଲି ଉତ୍ସବମୁଖର ପରିବେଶରେ ଆୟୋଜିତ ହୋଇଯାଇଛି। ସକାଳ ୮ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ବିଶାଳ ରାଲିର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ମୋହନା ଶ୍ରୀଯୁକ୍ତ ଦାଶରଥୀ ଗମାଙ୍ଗ ଯୋଗଦେଇ ତ୍ରିରଙ୍ଗା ବାଇକ୍ ରାଲିକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନିନ୍ଦ୍ରା ହୋନାନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫଲଗୁନୀ ମାଝୀ, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସୋଲମନ ରାଇକା ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକାରେ ସଜ୍ଜିତ ଶତାଧିକ ବାଇକ୍ ସହ ରାଲିଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ପାରଳାଖେମୁଣ୍ଡି ସହରର ପରିକ୍ରମା କରି ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମାପ୍ତ ହୋଇଥିଲା। ଏହି ଭବ୍ୟ ତ୍ରିରଙ୍ଗା ଯାତ୍ରାରେ ୧ ହଜାରରୁ ଅଧିକ ଜନସାଧାରଣ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇ ଜାତୀୟ ପତାକା ପ୍ରତି ଅପୂର୍ବ ଉତ୍ସାହ ଓ ସମ୍ମାନ ପ୍ରଦର୍ଶନ କରିଥିଲେ। ସମଗ୍ର ପାରଳାଖେମୁଣ୍ଡି ସହର 'ତ୍ରିରଙ୍ଗା'ର ରଙ୍ଗରେ ରଙ୍ଗୀନ ହୋଇ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରତିଫଳିତ କରିଥିଲା। 'ହର ଘର ତ୍ରିରଙ୍ଗା' ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ନାଗରିକଙ୍କ ମନରେ ଜାତୀୟ ପତାକା ପ୍ରତି ସମ୍ମାନ, ଦେଶଭକ୍ତି ଓ ଜାତୀୟ ଏକତାର ଭାବନାକୁ ଆହୁରି ସୁଦୃଢ଼ କରିବା। ଆଜିର ଏହି ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ରାଲି ମାଧ୍ୟମରେ ଗଜପତିବାସୀ ଦେଶର ଗୌରବମୟ ଜାତୀୟ ପତାକା ପ୍ରତି ନିଜର ସମ୍ମାନ ଓ ଦେଶପ୍ରେମର ଭାବନାକୁ ପ୍ରକାଶ କରିବା ସହ ଜାତୀୟ ଏକତାର ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ଯୌତୁକ ମାମଲାରେ ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାଇଘର, (ମହାଭାରତ) : ଆଜି ରାଇଘର ଯୌତୁକ ନିର୍ଯାତନା ଭଳି ସାମାଜିକ ବ୍ୟାଧି ବିରୋଧରେ ଆଇନର କଡ଼ା ଆଭିମୁଖ୍ୟକୁ ପ୍ରତିଫଳିତ କରି ରାଇଘର ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ଏକ ଯୌତୁକ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ମାମଲାରେ ଦୋଷୀ ସାବ୍ୟସ୍ତ ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ କାରାଦଣ୍ଡ ସହ ଜରିମାନା ଦଣ୍ଡିତ କରାଯାଇଛି।ରାଇଘର ପ୍ରଥମ ଶ୍ରେଣୀ ବିଚାରପତି ଆଦିତ୍ୟ ନାରାୟଣ ମହାରଣା ୧୧ ଜଣ ସାକ୍ଷୀଙ୍କ ବୟାନ ଏବଂ ମାମଲାରେ ଉପସ୍ଥାପିତ ପ୍ରମାଣକୁ ବିଚାର କରି ଏହି ରାୟ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ଉପରେ ୫ ହଜାର ଟଙ୍କା ଜରିମାନା ଆଦାୟ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୧୦ ହଜାର ଟଙ୍କା ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ଗଣ୍ଡ ସୂଚନା ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ରାଇଘର ବ୍ଲକ ଅନ୍ତର୍ଗତ ଗଞ୍ଜାପାରା ପଞ୍ଚାୟତର ଝୁନକିପାରା (ନୂଆପାରା) ଗ୍ରାମର ଶଶି ଶେଖର ସାହୁଙ୍କ ଝିଅ ମନ୍ଦାକିନୀ ସାହୁ ୨୦୧୬ ମସିହାରେ ବରଗଡ଼ ଜିଲ୍ଲା ପାଇକମାଳ ଅନ୍ତର୍ଗତ ବୋଇଦପାଳି ନୂଆଗାଁର ପ୍ରମାଦ ସାହୁଙ୍କୁ ବିବାହ କରିଥିଲେ। ଅଭିଯୋଗ ଅନୁସାରେ, ବିବାହ ପରଠାରୁ ଅଧିକ ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ମନ୍ଦାକିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ନିର୍ଯାତନା ସହି ନପାରି ପ୍ରାୟ ଦୁଇ ବର୍ଷ ପରେ ସେ ନିଜ ବାପଘରକୁ ଫେରି ଆସିଥିଲେ।ପରେ ୨୦୧୮ ମସିହାରେ ମନ୍ଦାକିନୀ ରାଇଘର ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ଶ୍ୱଶୁର ସୁବାଷ ସାହୁ, ଶାଶୁ ମଞ୍ଜୁଳା ସାହୁ, ସ୍ୱାମୀ ପ୍ରମାଦ ସାହୁ ଓ ନଣନ୍ଦ ସୁରେନ୍ଦ୍ରି ସାହୁଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ।ମାମଲାର ଶୁଣାଣି ସମୟରେ ୧୧ ଜଣ ସାକ୍ଷୀଙ୍କ ବୟାନ ଏବଂ ଉପସ୍ଥାପିତ ପ୍ରମାଣକୁ ଅଦାଲତ ବିଚାରକୁ ନେଇଥିଲେ। ଦୀର୍ଘ ଆଇନଗତ ପ୍ରକ୍ରିୟା ପରେ ଆସିଥିବା ଏହି ରାୟ କେବଳ ଏକ ମାମଲାର ଫଳାଫଳ ନୁହେଁ, ବରଂ ଯୌତୁକ ନାମରେ ଜଣେ ନାରୀଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ଆଇନର ଦୃଢ଼ ଆଭିମୁଖ୍ୟର ଏକ ସ୍ପଷ୍ଟ ବାର୍ତ୍ତା।

## ଗାଁକୁ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ, ୮ କିଲୋମିଟର ଖଟିଆରେ ବୁହାହେଲେ ଦାଦନ ଶ୍ରମିକଙ୍କ ଶବ

ଥୁଆମୂଳ ରାମପୁର, (ମହାଭାରତ) : ରାସ୍ତାଘାଟ ଅଭାବ ରହିଥିବା ହେତୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଅନେକ ସମୟରେ ହିନସ୍ତାରେ ଜୀବନ ଯାପନ କରୁଥିବା ବେଳେ ବର୍ଷା ଦିନର କାଦୁଅ ପଚପଚ ରାସ୍ତା ପୁଣି ଆହୁରି ମଣ୍ଡବ୍ୟଥାର କାରଣ କୁ ଆହୁରି ଦ୍ୱିଗୁଣିତ କରୁଅଛି।



ହାଇଦ୍ରାବାଦକୁ ଶିବ ମାଝୀ ପରିବାର ଭରଣପୋଷଣ କରିବା ପାଇଁ ଦାଦନ ଶ୍ରମିକ ଭାବରେ ଖଟିବା କୁ ଯାଇ ଶବ ହୋଇ ହାଇଦ୍ରାବାଦରୁ ନିଜ ଗାଁ ଫେରିବା ଭଳି ଦୁଃଖଦ ଘଟଣା ଅଞ୍ଚଳରେ ଚହଳ ସୃଷ୍ଟି କରିଦେଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଆମ୍ବୁଲାନ୍ସ ଯୋଗେ ଅଞ୍ଚଳକୁ ପହଞ୍ଚି ଥିଲା କିନ୍ତୁ ୮ କିଲୋମିଟର କିଲୋମିଟର ରାସ୍ତା ଏବେ ଆଣ୍ଠୁଏ କାଦୁଅ ପୁଣି ପଚପଚ ହେତୁ ଆମ୍ବୁଲାନ୍ସ ଅଟକି ରହିଲା ପରେ ପରିବାର ସଦସ୍ୟ ଓ ଗ୍ରାମବାସୀ ଖଟିଆରେ ବୋହିବା ଭଳି ଅଭାବନୀୟ ଘଟଣା ପୁଣି ଥରେ ସୂଚନାରୁ ଜଣାପଡିଛି। କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ପାଡେପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖମାରପଦର ଭାଟିଫାସ ଗାଁର ଦାଦନ ଶ୍ରମିକ ଶିବ ମାଝୀଙ୍କ ଶବ ହାଇଦ୍ରାବାଦରୁ ଆସିଥିଲା ରାସ୍ତାରେ କାଦୁଅ ଭରପୁର ଓ ପଚପଚ ହେତୁ ଯାନବାହନ ଚଳାଚଳ ବନ୍ଦ ରହିଛି। ଦୁରେଶପଦର ଗ୍ରାମ ନିକଟସ୍ଥ ଡୁମୁଣିନାଳା ପାଖରେ ହିଁ ଆମ୍ବୁଲାନ୍ସ ଶବକୁ ଓହ୍ଲାଇ ଦେଇଥିଲା, ଫଳରେ ରାତିସାରା ଶବକୁ ଗାଁକୁ ନେବାପାଇଁ ସମ୍ଭବ ହେଲା ନାହିଁ ସେଠାରେ ରଖିବାକୁ ପଡିଥିଲା। ୮ କିଲୋମିଟର ଶୋଚନୀୟ ଓ ପଚପଚ ରାସ୍ତା ଯୋଗୁଁ ଭାଟିଫାସ ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ପରଦିନ ସକାଳେ ପରିବାର ସଦସ୍ୟ ଓ ଗ୍ରାମବାସୀ ଙ୍କ ମିଳିତ ଉଦ୍ୟମରେ ଡୁମୁଣିନାଳା ଠାରୁ ୮ କିଲୋମିଟର ଭାଟିଫାସ ଗ୍ରାମକୁ ଶବ ବୋହିବା ପାଇଁ ବାଧ ହୋଇଥିବା ଭଳି ଅଭାବନୀୟ ଘଟଣା ସାରା ଅଞ୍ଚଳରେ ଚକିତ କରିଦେଇଛି। ସାଧାରଣ ଜନତାଙ୍କ ପାଇଁ ସରକାରୀ ଯୋଜନା ସାତସପନ ପାଲଟିଛି।ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣ ହିନସ୍ତାରେ ଜୀବନ ଯାପନ କରୁଛନ୍ତି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଅଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶାର ବିକଳ ଚିତ୍ରର ଅସଲ ଚେହେରା ସାମ୍ନାକୁ ଆସିଛି। ତେବେ ମୃତ ଶିବଙ୍କ ନିଜ ଜନ୍ମ ମାଟି ଭାଟିଫାସ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ଶବର ଶେଷକୃତ୍ୟ ସମ୍ପନ୍ନ ହେବା ବ୍ୟବସ୍ଥା କରାଯାଇଛି। ଏନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଜଣାପଡିଛି। ତେବେ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ପୀଡିତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

## ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ପାଟଣାଗଡ, (ମହାଭାରତ) : ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଗ୍ରାମକୁ ପରିଦର୍ଶନ କରି ଲୋକଙ୍କ ସୁଖଦୁଃଖ ଓ ଦୈନନ୍ଦିନ ସମସ୍ୟା ବିଷୟରେ ଅବଗତ ହେଉଛନ୍ତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବଲାଙ୍ଗୀରର ଅଧ୍ୟକ୍ଷ ବଲ୍ଲଭ ଧରୁଆ। ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିବା ସହ ତାହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଉଛନ୍ତି। ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସରକାରୀ ଯୋଜନାର ସୁବିଧା ଲୋକଙ୍କ ପାଖରେ କିପରି ପହଞ୍ଚୁଛି ସେ ନେଇ ମଧ୍ୟ ସେ ସମୀକ୍ଷା କରୁଛନ୍ତି। ଲୋକଙ୍କ ଅଭାବ ଅସୁବିଧାକୁ ପ୍ରାଥମିକତା ଦେଇ ଉନ୍ନୟନମୂଳକ କାର୍ଯ୍ୟକୁ ଆଗେଇ ନେବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳର ବିକାଶ ଓ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଏପରି ଜନସମ୍ପର୍କ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ମିଳିଛି।

## ବନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର





ପାରାଦୀପ, (ମହାଭାରତ): ଜନସ୍ୱାସ୍ଥ୍ୟ ପଦକ୍ଷେପର ଅଂଶ ସ୍ୱରୂପ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଅଧୀନସ୍ଥ ପାରାଦୀପର ବନ୍ଦର ସ୍ୱାସ୍ଥ୍ୟ ସଂଗଠନ (ପିଏଚଓ) ପକ୍ଷରୁ ୧୩ ଅଗଷ୍ଟ ୨୦୨୬ ଗୁରୁବାର ଦିନ ପାରାଦୀପ ମଧୁବନ ସ୍ଥିତ ପିଏଚଓ କାର୍ଯ୍ୟାଳୟ ପରିସରରେ ଡେଙ୍ଗୁ, ମ୍ୟାଲେରିଆ ଏବଂ ଡାଇରିଆ ରୋଗ ଉପରେ ସଚେତନତା ଓ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ବର୍ଷା ଋତୁକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଋତୁକାଳୀନ ସ୍ୱାସ୍ଥ୍ୟ ବିପଦ, ଡେଙ୍ଗୁ, ମ୍ୟାଲେରିଆ ଏବଂ ଡାଇରିଆ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସୁସ୍ଥ ଅଭ୍ୟାସ, ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, ପରିମଳ ଏବଂ ସମୟାନୁସାରେ ଚିକିତ୍ସା ସେବା। ପାରାଦୀପ ବନ୍ଦର ପ୍ରାଧିକରଣ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି.ବି.ଦାସ, ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପିଏଚଓ ପାରାଦୀପ ଶାଖା ମୁଖ୍ୟ ଡା. ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପାରାଦୀପର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବକାନ୍ତ ନାୟକ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଙ୍କ ସମେତ ୧୨ ନମ୍ବର ୱାର୍ଡ ପାରିଷଦ ଶ୍ରୀମତୀ ପ୍ରଭାତୀ ନାୟକ, ୮ ନମ୍ବର ୱାର୍ଡ ପାରିଷଦ ଅଜିତ କୁମାର ଷଢଙ୍ଗୀ, ୧୭ ନମ୍ବର ୱାର୍ଡ ପାରିଷଦ ଜଗନ୍ନାଥ ରାଓ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସମ୍ପ୍ରଦାୟ ଏବଂ ପୌରପାଳିକାର ସକ୍ରିୟ ଅଂଶଗ୍ରହଣ ଏବଂ ସମର୍ଥନ ମିଳିଥିଲା। ଏହି ଶିବିରରେ ପାରାଦୀପର ଗୋପାଳଜୀଉ କଲୋନି, ଲୋକନାଥ କଲୋନି, କ୍ୟାବିନ ମାର୍କେଟ, ତାରିଣୀ ମାର୍କେଟ ଏବଂ ମଧୁବନ ଅଞ୍ଚଳର ଜନସାଧାରଣ ମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏତଦବ୍ୟତୀତ ଏହି କାର୍ଯ୍ୟକ୍ରମରେ ସାଧାରଣ ମୌସୁମୀ ସମ୍ବନ୍ଧୀୟ ରୋଗ, ସେମାନଙ୍କର ପ୍ରାରମ୍ଭିକ ଲକ୍ଷଣ, ସଂକ୍ରମଣର ପଦ୍ଧତି, ପ୍ରତିରୋଧକ ପଦକ୍ଷେପ, ବ୍ୟକ୍ତିଗତ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳ ବ୍ୟବହାର, ପରିମଳ ଏବଂ ସମୟୋଚିତ ଡାକ୍ତରୀ ଚିକିତ୍ସାର ଗୁରୁତ୍ୱ ବିଷୟରେ ସାଧାରଣରେ ସଚେତନ କରାଯାଇଥିଲା। ଏହି ଶିବିରରେ ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇ ଡାକ୍ତରୀ ପରାମର୍ଶ, ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ନିର୍ଣ୍ଣୟ ପରୀକ୍ଷା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରର ଅଂଶ ଭାବରେ ଏକ ଚକ୍ଷୁ ପରୀକ୍ଷା ସେବା ମଧ୍ୟ କରାଯାଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ଆଖି ପରୀକ୍ଷା ଏବଂ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଗ୍ରହଣ କରିଥିଲେ।

# ଲଗାଣ ବର୍ଷାରେ ଉଛୁଳିଲା ସୁନା ନଦୀ, ଭାଙ୍ଗିଲା ଘର

ଯୋଡା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଠାରେ ଲଗାଣ ବର୍ଷା ଫଳରେ ଅବସ୍ଥା ସଙ୍ଗୀନ ହୋଇ ପଡ଼ିଚି ।ବୁଧବାର ରାତି ପ୍ରାୟ ତିନିଟା ଠାରୁ ଲାଗିରହିଛି ବର୍ଷା । ହେଲେ ବର୍ଷା ର ପରିମାଣ ଏତେ ବଢି ଯାଇଛି ଯେ ସମ୍ପୂର୍ଣ ଯୋଡା ଜଳାନ୍ନବ ହୋଇ ପଡ଼ିଛି ।ଲଗାଣ ବର୍ଷା ଫଳରେ ସୁନାନଦୀ ରେ ଜଳ ସ୍ତର ବୃଦ୍ଧି ପାଇ ବନ୍ୟା ଭଳି ସ୍ଥିତି ଦେଖା ଦେଇଛି ।ଯୋଡା ର ତଳି ଅଞ୍ଚଳ ରେ ପୌର ପାଳିକା ଡ୍ରେନ ଜାମ ଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ୱାର୍ଡ ନଂ ୩ ହୁଡ଼ିସାହି କୁ ଯାଇଥିବା ରାସ୍ତା ସମ୍ପୂର୍ଣ ଜଳ ପ୍ଲାବିତ ହୋଇ ବୁଡି ଯାଇଛି ।ସେହିପରି ୫୨୦ ନଂ ଜାତୀୟ ରାଜପଥ ରେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜଳ ପ୍ରବାହିତ ହେଉଛି ।ଲଗାଣ ବର୍ଷା ଫଳରେ ବାଟୁ ହଟିଂ ର ମଣି କୟରୁଆ,ସରସ୍ୱତୀ ନାଏକ ଙ୍କ ଘର ଭାଙ୍ଗି ଯାଇଛି ବୋଲି ଯୋଡା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର ସୂଚନା ଦେଇଛନ୍ତି ।ଯୋଡା ସୁନା ନଦୀ ଅବବାହିକାରେ ଥିବା ତଳି ଅଞ୍ଚଳ ର ସ୍ଥିତି ବନ୍ୟା ଭଳି ସ୍ଥିତି ଉତ୍ପନ୍ନ ହୋଇଛି ।ପ୍ରାୟ ରାତି



ଦୁଇଟା ରୁ ଅନବରତ ବର୍ଷା ଫଳରେ ସହରାଞ୍ଚଳ ର ଜନସାଧାରଣ ଙ୍କ ସ୍ଥିତି ଅତ୍ୟନ୍ତ ଦୁର୍ବିସହ ହୋଇ ପଡିଚି ।ଏପରିକି ଜାତୀୟ ରାଜପଥ ରେ ହାଲୁକା ଯାନବାହାନ ଚଳାଚଳ କରି ପାରୁ ନାହାନ୍ତି ।୧୧ ଘଣ୍ଟା ଧରି ଅବିଶ୍ରାନ୍ତ ବର୍ଷା। ଯୋଡା, ଯୁରୁଡି,ବାମେବାରି, କାଳୀମାଟି, ବିଲେଇ ପଦୟ,ପ୍ରଭୃତି ଅଞ୍ଚଳ ର ଜନ ସାଧାରଣ ଙ୍କ ଜୀବନଯାପନ ଠପ୍ କରି ଦେଇଛି ।ତେଣେ ବହିଦାର କହିଛନ୍ତି ଯେ,ଲଗାଣ ବର୍ଷା ଫଳରେ ଯୋଡ଼ାରେ ର୍ନିମାଣ ହୋଇ ଥିବା ଫ୍ଲାଏ ଓଭର ର ଜଳ ନିଷ୍କାସନ ପାଇଁ ଥିବା ପାଇପ ଅତ୍ୟନ୍ତ ନିମ୍ନ ମାନର ହୋଇ ଥିବାରୁ ଫାଟି ଯାଇ ସିଧା ସଳଖ ଫ୍ଲାଏ ଓଭର ରୁ ପାଣି ପଡ଼ି ଜଳ ପ୍ରପାତ ର ଭ୍ରମ ସୃଷ୍ଟି କରୁଛି ।ସେ ଆହୁରି ମଧ କହିଛନ୍ତି ଯେ,ଲଗାଣ ବର୍ଷା ଏବଂ ଏହି ପରିସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଆଗୁଆ ସୂଚନା ପାଇ ଥିଲେ ହେଁ ସ୍କୁଲ ଛୁଟି ଘୋଷଣା କରି ନ ଥିବାରୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ମାନେ ଏହାକୁ ଅସନ୍ତୋଷ ପ୍ରକାଶ କରିଥିଲେ ।ପୌର କାର୍ଯ୍ୟ ର୍ନିବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଅଧିକ ସୂଚନା ଦେଇ କହିଛନ୍ତି ଯେ,ନଦୀ କୂଳିଆ ଲୋକଙ୍କୁ ଅବିଳମ୍ବେ ସ୍ଥାନାନ୍ତର କରାଯାଇ ସ୍କୁଲ ରେ ରଖାଯାଇ ପୌର ପାଳୀକା ପକ୍ଷରୁ ଶୁଖିଲା ଖାଦ୍ୟ ଦିଆ ଯାଉଛି ।ଲୋକଙ୍କ ଘରେ ପାଣି ପଶୁଥିବାରୁ ମୋଟର ଲଗାଇ ପାଣି ବାହାର କରାଯାଉଛି ।ୱାର୍ଡ ନଂ ୩,୧୧ ଆମ୍ବ ବାଗାନ୍,ପଣସଗୋଡା,ପ୍ରଭୃତି ଅଞ୍ଚଳରେ ଡ୍ରେନ ପାଣି ଓଭର ଫ୍ଲୋ ହୋଇ ଘରେ ପଶୁ ଥିବା ଖବର ପାଇ ଯୋଡା ପୌର ଅଧକ୍ଷ ଜଗଦୀଶ ପ୍ରସାଦ ସାହୁ ଏବଂ କାଉନସିଲର ମାନଙ୍କ ସହିତ ଯାଇ ସ୍ଥିତି କୁ ପ୍ରତ୍ୟକ୍ଷ ଭାବେ ମୋନିଟୋରିଂ କରାଯାଉଛି ଆବଶ୍ୟକ ସ୍ଥଳ ପାଣି ପଶି ଥିବା ଘର ଲୋକଙ୍କୁ ଶୁଖିଲା ଖାଦ୍ୟ ମଧ ଦିଅୟ ଯାଉଛି ।ପୌର ପଲିକା ର ସାନିଟେଶନ ଟିମ୍, ଏବଂ ଅଗ୍ନିଶମ ବିଭାଗ ପ୍ରତି ୱାର୍ଡ କୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।ଯୋଡା ଏକ ଉପତ୍ୟକା ସହର ହୋଇ ଥିବାରୁ ପାହାଡ ପାଣି ଗଡି ଆସି ସହର ଭିତରକୁ ପ୍ରବେଶ କରୁ ଥିବାରୁ ଏହି ପରିସ୍ଥିତି ଦେଖା ଦେଇ ଥିବା କାର୍ଯ୍ୟ ର୍ନିବାହୀ ଅଧିକାରୀ ଧଳ କହିଥିଲେ। ଯୋଡା ବିଡ଼ିଓ ଡେନିସ ବେହେରା କହିଛନ୍ତି ଯେ,ତିନି ଗୋଟି ପଞ୍ଚାୟତ ଆଂଶିକ ଭାବେ ଲଗାଣ ବର୍ଷା ହେତୁ ପ୍ରଭାବିତ ହୋଇଛି।ବୁଧବାର ରାତି ରୁ ଦିନ ୧୨ ଟା ପର୍ଯ୍ୟନ୍ତ ୧୫୦ ମିଲି ମିଟର ବୃଷ୍ଟିପାତ ହୋଇଛି ।ବିରି କଳା ଏବଂ ଅନ୍ୟ ୩ ଟି ପଞ୍ଚାୟତ କୁ ସେ ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ।ରୋଷେଇ ଘର ଏବଂ ଚୁଲି ରେ ପାଣି ପଶି ଯାଇ ଥିବାରୁ ରନ୍ଧା ଖାଦ୍ୟ ଦେବା ପାଇଁ ପଞ୍ଚାୟତ ତରଫରୁ ବ୍ୟବସ୍ଥା କରାଯାଇଛି ।ମିଳିଥିବା ସୂଚନା ଅନୁଯାୟୀ,ଯୋଡା ବ୍ଲକ୍ ର କାଳୀମାଟି - ହାଣ୍ଡିଭଙ୍ଗା ଲଗାଣ ବର୍ଷ ଫଳରେ ଯୋଗାଯୋଗ ସମ୍ପୂର୍ଣ ବିଚ୍ଛିନ୍ନ ହୋଇ ପଡିଚି ।ହାଣ୍ଡି ଭଙ୍ଗା ଜଳ ପ୍ରପାତ ର ପ୍ରବଳ ଜଳ ଶିବ ମନ୍ଦିର ସମେତ ଅଞ୍ଚଳ କୁ ସମ୍ପୂର୍ଣ ଜଳ ମଗ୍ନ କରି ଦେଇଛି ।

# ଶ୍ରୀବଳଦେବଜୀଉଙ୍କ ମସ୍ତକରେ ଲାଗିହେଲା ସୁବର୍ଣ୍ଣଚିତା



**କେନ୍ଦ୍ରାପଡ଼ା,:**ତୁଳସୀ କ୍ଷେତ୍ରରେ ପବିତ୍ର ଚିତାଲାଗି ଅମାବାସ୍ୟା ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କ ପାଖରେ ଚିତଉ ପିଠା ଭୋଗ ଲାଗି କରାଯାଇଥିଲା। ଆଜି ତୁଳସୀକ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେଜୀଉଙ୍କ ମସ୍ତକରେ ପବିତ୍ର ଚିତାଲାଗି ଅମାବାସ୍ୟାରେ ସୁବର୍ଣ୍ଣ ଚିତା ଲଗିହୋଇଥିଲା। ସ୍ୱର୍ଣ୍ଣକାର ସେବକଙ୍କ ଦ୍ୱାରା ଭଣ୍ଡାର ଗୃହରୁ ସୁପରଭାଇଜର ଭଣ୍ଡାର ମୋହରୀରଙ୍କ ଉପସ୍ଥିତରେ ସୁବର୍ଣ୍ଣ ଚିତା ଓ ରୌପ୍ୟ ଅଳଙ୍କାର ମାନ ବାହାର କରାଯାଇ ସ୍ୱର୍ଣ୍ଣକାର ସେବକଙ୍କୁ ହସ୍ତାନ୍ତର କରାଯାଇଥିଲା। କଡା ପୋଲିସ ସୁରକ୍ଷା ବଳୟରେ ସ୍ୱର୍ଣ୍ଣକାର ସେବକ ମନ୍ଦିର ଅଫିସ୍ କାର୍ଯ୍ୟାଳୟକୁ ଏହାକୁ ନେଇଥିଲେ। ଅଫିସ୍ କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟ ସମ୍ପନ୍ନ କରାଯିବା ପରେ ମନ୍ଦିର ଭଣ୍ଡାର ମୋହରିରଙ୍କୁ ଏହା ହସ୍ତାନ୍ତର କରାଯାଇଥିଲା। ସକାଳ ଧୂପ ସମ୍ପନ୍ନ ପରେ ରାଜ ପୁରୋହିତଙ୍କ ଦ୍ୱାରା ଶୁକ୍ଳ ଲୁଗା ଅଭିମନ୍ତ୍ରିତ କରାଯାଇ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ଶ୍ରୀ ଜୀଉଙ୍କ ମସ୍ତକରେ ସୁବର୍ଣ୍ଣଚିତା ଲଗାଯାଇ ରାଜାଧୀରାଜ ବେଶ କରାଯାଇଥିଲା। ବେଶ ସମ୍ପନ୍ନ ପରେ ମଙ୍ଗଳାର୍ପଣ କରାଯାଇ ଆଳତି କରାଯାଇ ଥିଲା। ପରେ ସୁଆର ସେବାୟତଙ୍କ ଦ୍ୱାରା ରୋଷଘରେ ପ୍ରସ୍ତୁତ ଅମଣିଆ ଚିତଉ ପିଠା ଓ ଖିରିକୁ ରୌପ୍ୟପାତ୍ରରେ ବଢାଯାଇ ଶ୍ରୀଜୀଉଙ୍କ ଛାମୁରେ ରଖାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗଲାଗି ହୋଇଥିଲା। ପରେ ଏହା ପାର୍ଶ୍ୱ ଦେବତାଙ୍କୁ ଅର୍ପଣ କରାଯାଇଥିଲା। ଏହି ଚିତା ଲାଗି ପର୍ବ କେବଳ ମନ୍ଦିର ନୁହେଁ ମଠ ଏବଂ ଗୃହରେ ମଧ୍ୟ ପାଳନ କରାଯାଇଥାଏ। ଓଡ଼ିଆ ସଂସ୍କୃତି କୁହେ ଚିତାଲାଗି ପର୍ବ ଏକ କୃଷି ଭିତ୍ତିକ ପର୍ବ। କୃଷି ଓ କୃଷକର ଦେବତା ପ୍ରଭୁ ଶ୍ରୀବଳଦେବଜୀଉ। ଶ୍ରାବଣ ମାସ ହେଉଛି ବର୍ଷାର ମାସ। ଏହି ମାସରେ ନଦୀ, ପୋଖରୀ, ନାଳ ଏବଂ ବିଲରେ ପାଣି ଭର୍ତ୍ତି ହୋଇ ରହିଥାଏ। ସେହି ସମୟରେ ଜଳଚର ପ୍ରାଣୀ ସରିସୃପଙ୍କ ସଂଖ୍ୟା ବଢ଼ି ଯାଇଥାଏ। ଏମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗୃହରେ ମହିଳାମାନେ ଚିତଉପିଠା ପ୍ରସ୍ତୁତ କରି ଗୃହ ଦେବତାଙ୍କୁ ଭୋଗ ଲଗାଇ କିଛି ପିଠାକୁ ଚାଷୀଙ୍କର କ୍ଷତି ନକରିବା ଉଦ୍ଦେଶ୍ୟରେ ନଦୀ, ନାଳ, ପୋଖରୀ ଓ ବିଲରେ ପକାଇ ଥାଆନ୍ତି ବୋଲି ବିଶ୍ୱାସ ରହିଛି।

# ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



**ଧାମନଗର,(ମହାଭାରତ):**

ସ୍ୱାଧୀନତା ଦିବସ ପୂର୍ବରୁ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଧାମନଗର ଅଞ୍ଚଳରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଧାମନଗର ମୁକୁନ୍ଦଦେବ ମଣ୍ଡଳ ଓ ସହରୀ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଯୁବକ, ମହିଳା ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ହାତରେ ତ୍ରିରଙ୍ଗା ପତାକା ଧରି ଅଂଶଗ୍ରହଣ କରିଥିଲେ। ଧାମନଗର ବ୍ଲକ ବଜାର ସ୍ଥିତ କଲ୍ୟାଣ ମଣ୍ଡପ ଠାରୁ ଆରମ୍ଭ ହୋଇ ଧାମନଗର ବଡ଼ ବଜାର, ଦୋବଲ ବଜାର , ଖଡ଼ିପଦା ଅଞ୍ଚଳ ଦେଇ ଆନନ୍ଦପୁର ଉତ୍ତର ବାହିନୀ ଘାଟ ପର୍ଯ୍ୟନ୍ତ ବିଶାଳ ମୋଟର ସାଇକେଲ ଯାତ୍ରା କରି ପହଞ୍ଚିଥିଲେ।ତ୍ରିରଙ୍ଗା ଶୋଭାଯାତ୍ରା ସମୟରେ 'ଭାରତ ମାତା କି ଜୟ', 'ବନ୍ଦେ ମାତରମ୍' ଏବଂ 'ଜୟ ହିନ୍ଦ' ଭଳି ଦେଶାତ୍ମବୋଧକ ସ୍ଲୋଗାନରେ ପରିବେଶ ମୁଖରିତ ହୋଇଉଠିଥିଲା। ଅଂଶଗ୍ରହଣକାରୀମାନେ ଦେଶର ଏକତା, ଅଖଣ୍ଡତା ଓ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ।ଶୋଭାଯାତ୍ରା ଶେଷରେ ଆୟୋଜକମାନେ ସମସ୍ତଙ୍କୁ ଦେଶପ୍ରେମ, ସାମାଜିକ ସଦ୍ଭାବ ଏବଂ ଜାତୀୟ ଐକ୍ୟ ରକ୍ଷା ପାଇଁ ସଦା ସଚେତନ ରହିବାକୁ ଆହ୍ୱାନ ଜଣାଇଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଏମ ପି ଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ମକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ କୁମାର ସୂତାର , ବରିଷ୍ଠ ଭାଜପା ନେତା ଅରବିନ୍ଦ ପତି, ରଣଜି ମହାନ୍ତି, ନାରାୟଣ ସାହାଣୀ,, ଲକ୍ଷ୍ମୀଧର ପାଣିଗ୍ରାହୀ ପ୍ରମୁଖ ଶତାଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଗଣିଆ ପୋଲିସ ପକ୍ଷରୁ ଗାଡ଼ି ଚେକିଂ କଡ଼ାକଡ଼ି

ଗଣିଆ,(ମହାଭାରତ): ଗଣିଆ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ଓ ନିୟମ ପାଳନକୁ ନେଇ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି।ଏ ନେଇ ଗୁରୁବାର ଦିନ ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ବେଲପଡ଼ା ପଞ୍ଚାୟତ ଦଶିପୁର ଟୋଟା ନିକଟରେ ବ୍ୟାପକ ଗାଡ଼ି ଚେକିଂ କରିଥିଲେ। ଏହି ଅଭିଯାନ ସମୟରେ ବିଶେଷ କରି ଦୁଇଚକିଆ ଯାନ ଚାଳକଙ୍କ ହେଲମେଟ୍ ଓ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରାଯାଇଥିବା ବେଳେ, ଚାରିଚକିଆ ଓ ଭାରୀ ଯାନ ଚାଳକମାନେ ସିଟ୍‌ବେଲ୍ଟ ବାନ୍ଧିଛନ୍ତି କି ନାହିଁ ତାହାର କଡ଼ାତଦାରଖ କରାଯାଇଥିଲା। ନିୟମ ଉଲଂଘନ କରି ବାଇକ ଚଳକଙ୍କୁ




ଫାଇନ କଟା ଯାଇଥିଲା । ନିୟମ ଉଲ୍ଲଂଘନକାରୀଙ୍କୁ ସଚେତନ କରିବା ସହ ଆଗାମୀ ଦିନରେ ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ଚାଳକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହିଭଳି ଯାଞ୍ଚ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଥାନା ସୂତ୍ରରୁ ପ୍ରକାଶ।

# ଅନ୍ତର୍ଜାତୀୟ ଯୁବା ଦିବସ ପାଳନ

**ଆଳି, (ମହାଭାରତ):** ଆଳି ନିଆଳ ହାଟ ଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ,ଆଦ୍ୟାଶକ୍ତି ଭବନ ପରିସରରେ ବୁଧବାର ଦିନ ଆନ୍ତର୍ଜାତୀୟ ଯୁବା ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କେନ୍ଦ୍ରାପଡା ଜିଲ୍ଲା ସଂଚାଳକ ତଥା ଚକ୍ରଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇ ସମାଜ ଏବଂ ଦେଶରେ ବିକାଶରେ ଯୁବା ପିଢ଼ିର ମହ□ତ ଉପରେ ଦିଗଦର୍ଶନ ଦେଇଥିଲେ । ବ୍ରହ୍ମା କୁମାର ଅଭିନ୍ନ ରାୟ ନିଶା ମୁକ୍ତି ଭାରତ ଓ ବିକଶିତ ଭାରତ ଗଠନ ଦିଗରେ ଯୁବାବର୍ଗଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇ ଥିଲେ । ଏହି ଅବସରରେ କଥିତ ସଭାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ସହଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ବ୍ରହ୍ମା କୁମାରୀ ଚନ୍ଦ୍ରମା ଲେଙ୍କା ନିଶାମୁକ୍ତ ଶପଥ ପାଠ କରାଇଥିଲେ। ଆଳି ସେବାକେନ୍ଦ୍ର ପ୍ରଭାରୀ ବ୍ରହ୍ମା କୁମାରୀ ସଂଯୁକ୍ତା ମଞ୍ଚ ପରିଚାଳନା କରିଥିଲେ । ଆଳି ବ୍ଲକ୍ ର ବିଭିନ୍ନ ସଂଗଠନର ଶତାଧିକ ଯୁବା ବର୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ସେବାକେନ୍ଦ୍ର ତରଫରୁ ଆଧ୍ୟାତ୍ମିକ ପତ୍ରିକାଯୁବା ଶକ୍ତିର ମହତ□ନର ଶାନ୍ତି ଏବଂ ନାରୀ ତୁ କଲ୍ୟାଣକାରୀ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା।

# ପାଣି ସୁଅରେ ଭାସି ଯୁବକ ନିଖୋଜ, ୬ ଘଣ୍ଟା ପରେ ମୃତଦେହ ଉଦ୍ଧାର

**ବୈଶିଙ୍ଗା/ବାଙ୍ଗିରିପୋଷି:**

ମୟୂରଭଞ୍ଜଜିଲ୍ଲା ବଡ଼ସାହି ଥାନା ଅଧୀନ ପାଉଁସିଆ ଡ୍ୟାମର ଜୁଣପଦା ନିକଟରେ ପାଣି ସୁଅରେ ଭାସି ଯାଇ ଜଣେ ଯୁବକ ଗଭୀର ପାଣିରେ ବୁଡ଼ି ନିଖୋଜ ହୋଇଥିବାବେଳେ, ପ୍ରାୟ ୬ ଘଣ୍ଟାର ଖୋଜାଖୋଜି ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଛିୟ ମୃତକ ହେଲେ କୋଚିଳାଖୁଣ୍ଟା ପଞ୍ଚାୟତ ଅଧୀନ ପାଉଁସିଆ ଗ୍ରାମର ଛୁଟୁ କଟୁଆଳଙ୍କ ୩୫ ବର୍ଷୀୟ ପୁଅ ପ୍ରଫୁଲ ଖଟୁଆଳ ।ସୂଚନା ଅନୁଯାୟୀ, ପ୍ରଫୁଲ ମାଛ ଧରିବା ପାଇଁ ପାଉଁସିଆ ଡ୍ୟାମକୁ ଆସିଥିଲେ। ତେବେ ଡ୍ୟାମ ନିକଟରେ ପାଣିର ପ୍ରଖର ସୁଅରେ ସେ ଭାସିଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହାପରେ ସେ ନିଖୋଜ ହୋଇଯିବାରୁ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଥିଲା। ଖବର ପାଇ ବଡ଼ସାହି ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ପ୍ରାୟ ୬ ଘଣ୍ଟା ଧରି ଅକ୍ଲାନ୍ତ ଖୋଜାଖୋଜି ପରେ



ଘଟଣାସ୍ଥଳଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ବ୍ରିଜ୍ ନିକଟରେ ପ୍ରଫୁଲଙ୍କ ମୃତଦେହ ଲାଗି ରହିଥିବା ଦେଖି ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରେ ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ପୁଲିସ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏନେଇ ବଡ଼ସାହି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଫୁଲଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପାଉଁସିଆ ଗ୍ରାମ ସମେତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ସେହିପରି, ବାଙ୍ଗିରିପୋଷି ଥାନା ଶ୍ୟାମସୁନ୍ଦର ପୁର ପଞ୍ଚାୟତ ନୂଆଁ ଗାଁ ଗ୍ରାମର ବାଜୁନ ହାଁସଦା (୩୦) ସଂକରାଇ ନାଳରେ ବନ୍ୟାଜଳ ଦେଖୁଥିବା ବେଳେ ଅସାବଧାନତା ଯୋଗୁ ବଢ଼ି ପାଣିରେ ପଡ଼ି ବହୁ ଦୂର ଭାସି ଯାଇ ଏକ ବାଉଁଶକୁ ଧରି ଅଟକି ରହିଯାଇଥିଲେ। ବଞ୍ଚାଅ ବଞ୍ଚାଅ ଚିତ୍କାର କରିବାରୁ ଗ୍ରାମବାସୀ ଦମକଳ ବାହିନୀ, ପୁଲିସ, ତହସିଲକୁ ଖବର ଦେଇଥିଲେ। ଖବର ପାଇ ଓଡ୍ରାପ ଟିମ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲା। ଯୁବକଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ବର୍ତ୍ତମାନ ଯୁବକ ଜଣକ ସୁସ୍ଥ ଅଛନ୍ତି।

# ଧାନବିଲ ନଷ୍ଟ କଲେ ହାତୀ ପଲ: କ୍ଷୟକ୍ଷତି ପାଇଁ ବନାଞ୍ଚଳ ଅଧିକାରୀ ଙ୍କୁ ଲିଖିତ ଦାବିପତ୍ର

**କେନ୍ଦୁଝର,:**କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଟାଙ୍ଗରପଡା ପଞ୍ଚାୟତ ଭିମାପଦା ଗ୍ରାମ ରେ ହାତୀ ପୋଲ ପାଞ୍ଚଜଣ ଚାଷୀ ଙ୍କ ରୁଆ ଧାନ ବିଲ ରେ ହାତୀ ପୋଲ ପଶି ଧାନ କଷ୍ଟ କରିଥିବା ନେଇ ପାଞ୍ଚଜଣ ଚାଷୀ ମଞ୍ଜୁଲତା ନାଏକ, ଟିକି ନାଏକ, ମଙ୍ଗୁଳି ନାଏକ,ମଞ୍ଜୁ ନାଏକ ଙ୍କ ଧାନ ବିଲ ଗୁଡିକୁ ହାତୀ ପୋଲ ନଷ୍ଟ କରିଥିବା ବେଳେ ଚାରିଜଣ ଚାଷୀ ପାଟଣା ବନାଞ୍ଚଳ କାର୍ଯ୍ୟାଳୟ କୁ ଆସି ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର ଙ୍କୁ କ୍ଷୟକ୍ଷତି ନିମନ୍ତେ ଲିଖିତ ଦାବିପତ୍ର ଦେଇଛନ୍ତି।

# ଟ୍ରେନ ଦୁର୍ଘଟଣାରେ ୫ଗୋରୁ ଜଣେ ବୃଦ୍ଧ ମୃତ

**ନୂଆଗାଁ ,(ମହାଭାରତ):** ଖୋର୍ଦ୍ଧା ଓ ବଲାଙ୍ଗୀର ସଂଯୋଗ କରିବାକୁ ଥିବା ରେଳ ଧାରଣା ଦଶପଲା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇଛି ।ପ୍ରତିଦିନ ଦଶପଲ୍ଲା ରୁ ଭୁବନେଶ୍ୱର, ପୁରୀ ଓ ଭଦ୍ରକ ମେମୋ ପାସେଞ୍ଜର ଟ୍ରେନ ଯିବାଆସିବା କରୁଥିବା ବେଳେ ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ମାଇଛେଳି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଂପଡ଼ା ଗ୍ରାମର ବିଶ୍ୱନାଥ ସ୍ୱାଇଁ (୬୩) ଗୋରୁ ଚରାଇବାକୁ ଯାଇଥିଲେ ।ଗୋରୁ ରେଳ ଧାରଣା ଉପରକୁ ଚଢ଼ି ଯାଇଥିଲା ବେଳେ ତାଙ୍କୁ ଘଉଡ଼ାଇବା ପାଇଁ ବୃଦ୍ଧ ଜଣଙ୍କ ରେଳ ଧାରଣା ଉପରକୁ ଯାଇଥିଲେ ।ଅପରାହ୍ନ ୩.୩୦ ରେ ଖୋର୍ଦ୍ଧା ରୁ ଦଶପଲ୍ଲା ଅଭିମୁଖେ ଏକ ଟ୍ରେନ ଆସୁଥିଲା ବେଳେ ୫ଗୋରୁ ଏବଂ ବୃଦ୍ଧ ବିଶ୍ୱନାଥ ସ୍ୱାଇଁ ଙ୍କୁ ଟ୍ରେନ ଟି ଧକ୍କା ଦେଇଥିଲା ।ଯାହାଫଳରେ କି ଘଟଣାସ୍ଥଳରେ ହିଁ ୫ଗୋରୁ ସହ ବୃଦ୍ଧ ବିଶ୍ୱନାଥ ସ୍ୱାଇଁ ଙ୍କ ମୃତ୍ୟୁ ହୋଇଥିଲା।

# ସାଇବର ଠକେଇ ସୁରକ୍ଷା ପାଇଁ ଲାଗିଲା ନିର୍ଦ୍ଦେଶାବଳୀ

**କାକଟପୁର :** ବର୍ତ୍ତମାନ ସାରା ଭାରତ ବର୍ଷ ରେ ସାଇବର ଲୁଟେରା ଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି, ମୋବାଇଲ କୁ ଅଜଣା ନମ୍ବର ରେ କଲ୍ ଆସୁଛି ଯଦି କେହି କଲ୍ ଟିକୁ ଗ୍ରହଣ କରୁଛନ୍ତି ତାହେଲେ ଏଭଳି ପ୍ରକାର ଘଟଣା ଘଟାଉଛନ୍ତି ପରେ ଗ୍ରାହକ ଜଣଙ୍କ ଲୁଟେରା ଙ୍କ କଥା ର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଉଛି, ଏ ନେଇ ଅନେକ ମାମଲା ସାମ୍ନା କୁ ଆସୁଛି ଓ଼ ତା ସହ ଅନେକ ଆତ୍ମହତ୍ୟା କଲାଭଳି ଘଟଣା ବି ସାମ୍ନା କୁ ଆସୁଛି, ଏ ଘଟଣା ଉପରେ ରୋକ ଲଗାଇବା ପାଇଁ ପୁରୀ ପୋଲିସ ତରଫରୁ ବିଭିନ୍ନ ଥାନା ମାଧ୍ୟମ ରେ ସଚେତନତା ଆରମ୍ଭ କରାଯାଇଛି, ଅସ୍ତରଙ୍ଗ ଓ଼ କାକଟପୁର ଥାନା ଅଧୀନରେ ବିଭିନ୍ନ ବିଦ୍ୟାଳୟ, କଲେଜ ଓ଼ ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ଲୋକ ମାନଙ୍କ ଅବଗତି ପାଇଁ ନିର୍ଦ୍ଦେଶାବଳୀ ଫଳକ ଲଗାଯାଉଛି, କିଭଳି ଜଣେ ବ୍ୟକ୍ତି ନିଜକୁ ଓ଼ ନିଜ ପରିବାର କୁ ସାଇବର ଠକେଇ ରୁ ବଞ୍ଚାଇ ରଖିବ ଓ଼ ଅନଲାଇନ ଆର୍ଥିକ କାରବାର ରୁ ନିଜକୁ ସୁରକ୍ଷିତ କରିପାରିବ ଏ ବାବଦରେ ପୋଲିସ ତରଫରୁ ଫଳକ ଲଗାଇବା ସହ ବିଭିନ୍ନ ଲୋକ ମାନଙ୍କୁ ଅବଗତ କରାଉଛନ୍ତି।

# ସ୍କାଉଟ ଗାଇଡ଼ମାନଙ୍କ ଦୀକ୍ଷା ଗ୍ରହଣ ଉତ୍ସବ

**ଆସିକା (ମହାଭାରତ):** ରାଜ୍ୟ ଭାରତ ସ୍କାଉଟ ଆଣ୍ଡ ଗାଇଡ଼ ଙ୍କ ନିର୍ଦ୍ଦେଶ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁମତି ଗଞ୍ଜାମ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ ଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନ କ୍ରମେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ଜଗଦଲପୁର ହାଇସ୍କୁଲ ଗୁଣ୍ଡପଡା ଠାରେ ସ୍କାଉଟ ଗାଇଡ଼ ମାନଙ୍କ ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କମିସନର ଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ସ୍କାଉଟ ରିପ୍ରେଜେଣ୍ଟିଭ ଭାସ୍କର ରଣା,ଆସିକା ବ୍ଲକ କୋଡିନେଟର ସ୍କାଉଟ କମଳେନ୍ଦୁ ହୋତା,ଆଡିସନାଲ ଡିସ୍ଟିକ ଅର୍ଗନାଇଜିଙ୍ଗ କମିଶନର ଗାଇଡ଼ କାଦମ୍ବିନୀ ହୋତା।

# ଉଦଳା ନିର୍ବାଚନ ମଣ୍ଡଳୀ ଦେବକୁଣ୍ଡ ମଣ୍ଡଳରେ ତ୍ରିରଙ୍ଗା ସଭାଯାତ୍ରା



ଉଦଳା, (ମହାଭାରତ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏବଂ ଜିଲ୍ଲା ସଭାପତି ଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ବିଜେପି ଉଦଳା ର୍ନିବାଚନ ମଣ୍ଡଳି ର ଦେବକୁଣ୍ଡ ମଣ୍ଡଳ ପକ୍ଷରୁ ଆୟୋଜିତ ହୋଇଛି ବିଶାଳ ତ୍ରିରଙ୍ଗା ସଭାଯାତ୍ରା। ହାତରେ ତ୍ରିରଙ୍ଗା ଧରି ଦେଶଭକ୍ତିର ନାରା ସହ ଶତାଧିକ ଲୋକ ଏହି ସଭାଯାତ୍ରାରେ ସାମିଲ ହୋଇଥିଲେ। ଦେଶପ୍ରେମର ଭାବନାରେ ମୁଖରିତ ହୋଇଥିଲା ଦେବକୁଣ୍ଡ ମଣ୍ଡଳ। ଉଦଳା ବିଜେପି ଦେବକୁଣ୍ଡ ମଣ୍ଡଳ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ସଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ବିଜେପି ପୂର୍ବ ଜିଲ୍ଲା ସଭାପତି ନିହାର ମୋଦି, ଜିଲ୍ଲା ଉପସଭା ନେତ୍ରୀ ମମତା ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଦଳୀୟ କର୍ମକର୍ତାକୁ, ଯୁବକ, ମହିଳା ଓ ସ୍ଥାନୀୟ ଲୋକେ ଉତ୍ସାହର ସହ ଯୋଗ ଦେଇଥିଲେ ।ହାତରେ ଜାତୀୟ ପତାକା ଧରି ଦେଶଭକ୍ତିମୂଳକ ନାରା ଦେଇ ଅଂଶଗ୍ରହଣକାରୀମାନେ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ ।ଏହି ଅବସରରେ ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ଦିଆଯାଇଥିଲା ।ତ୍ରିରଙ୍ଗା ଆମ ଗର୍ବ ଓ ଆମର ଜାତୀୟ ଏକତାର ପ୍ରତୀକୟ ଯୁବପିଢ଼ି ଦେଶର ଉନ୍ନତି ପାଇଁ ଆଗକୁ ଆସିବା ଆବଶ୍ୟକ ବୋଲି ଜିଲ୍ଲା ସଭାପତି ନିହାର ମୋଦି ତାଙ୍କ ବକ୍ତବ୍ୟ ରେ କହିଥିଲେ ।ଦେଶପ୍ରେମ ଓ ଏକତାର ବାର୍ତ୍ତା ନେଇ ଦେବକୁଣ୍ଡ ମଣ୍ଡଳର ଏହି ତ୍ରିରଙ୍ଗା ସଭାଯାତ୍ରା ଅଞ୍ଚଳରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି କରିଥିଲା। ଆଜିର ଏହି କାର୍ଯ୍ୟକ୍ରମ ରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକ୍ଷଣକୃଷ୍ଣ ବେରା, ଜିଲ୍ଲା ବିଜେପି ସମ୍ପାଦକ ହରିପ୍ରସାଦ ଭଞ୍ଜବାବୁ, ମଣ୍ଡଳ ସଭାପତି ମହେନ୍ଦ୍ର ଖଣ୍ଡେଇ, ମଣ୍ଡଳ ସମ୍ପାଦକ କାର୍ତିକ ଟୁଡୁ, ଦିପେନ ଗିରି, ଶଙ୍କର୍ଷଣ ସୋରେନ ଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

# ଛଅ ଦିନ ଧରି ନିଖୋଜ ଗଳିତ ମୃତ ଦେହ ଉଦ୍ଧାର

**ଆସିକା (ମହାଭାରତ):**ଛଅ ଦିନ ଧରି ନିଖୋଜ ଗଳିତ ମୃତ ଦେହ ଉଦ୍ଧାରୟ ପ୍ରକାଶ ଥାଉକି ଆସିକା ଥାନା ତଥା ଆସିକା ମୁନସିପାଲଟି ଅଧୀନ ୱାର୍ଡ ନମ୍ବର ୧୧ କାଉନସିଲର ରୀନା ବେହେରା ଙ୍କ ଦିଅର ବାସୁଦେବ ବେହେରା (୪୧)ଗତ ୦୬/୦୮/୨୦୨୬ ରେ ବଡ଼ନଦୀ କୁ ସ୍ନାନ ଶୌଚ ହେବାକୁ ଯାଇ ଆଉ ଫେରିନଥିଲେ ବହୁତ ଖୋଜା ଖୋଜି ପରେ ବାସୁଦେବଙ୍କୁ ନପାଇବାରୁ ବାସୁଦେବ ବେହେରାଙ୍କ ପୁତୁରା ବିକ୍ରମ ବେହେରା (୨୫) ଆସିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଆସିକା ପୋଲିସ ଥାନା କେସ ନମ୍ବର ୨୫/୨୬ରେ ଏକ ଅପମୃତ୍ୟୁ ମାମଲା ଜୁକରି ଦମକଳ ବାହିନୀ ଓ ଆସିକା ପୋଲିସ ବହୁତ ଖୋଜା ଖୋଜି ପରେ ଆଜି ଅପରାହ୍ନ ସମୟରେ ବଡ଼ନଦୀ ମଧ୍ୟରୁ ଶବକୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଛେଦ ପରେ ପୋଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

# ମାନସିକ ସନ୍ତୁଳନ ହରାଉଛନ୍ତି ଆମେରିକୀୟ ସୈନିକ; ଯୁଦ୍ଧଜାହାଜରୁ ଡେଇଁ ହାରୁଛନ୍ତି ଜୀବନ



ୱାସିଂଟନ: ଇରାନ ବିରୋଧରେ ଡୋନାଲ୍ଡ ଟ୍ରମ୍ପଙ୍କ ମହଙ୍ଗା ଏବଂ ଦୀର୍ଘକାଳୀନ ଯୁଦ୍ଧ ଆମେରିକୀୟ ସୈନିକମାନଙ୍କୁ ମାନସିକ ବିଷାଦଗ୍ରସ୍ତ କରିଛି। ଫଳରେ ସେମାନେ ନିଜ ଜୀବନ ନେବା ପାଇଁ ସମୁଦ୍ରକୁ ଡେଇଁ ପଡୁଛନ୍ତି। ଯୁଦ୍ଧବିମାନ ବାହକ ଜାହାଜ ୟୁଏସଏସ ଆବ୍ରାହମ ଲିଙ୍କନରେ ନିୟୋଜିତ ପ୍ରାୟ ୫ ହଜାର ସୈନିକଙ୍କ ପରିବାର କହିଛନ୍ତି ଯେ ସମୁଦ୍ରରେ ପ୍ରାୟ ନଅ ମାସ ମୁତୟନ, ବିଭିନ୍ନ ସମସ୍ୟା ଏବଂ ବାରମ୍ବାର ନିୟୋଜିତ ହେବା ସେମାନଙ୍କୁ ମାନସିକ ଭାବରେ ଭାଙ୍ଗି ଦେଇଛି। ମିଲିଟାରୀ ଟାଇମ୍ସ ରିପୋର୍ଟ କରିଛି ଯେ, ଜାହାଜରେ ଥିବା ଅନେକ ସୈନିକ ନିଜ ଜୀବନ ନେବାକୁ କରିବାକୁ ଚେଷ୍ଟା କରୁଛନ୍ତି।ୟୁଏସଏସ ଆବ୍ରାହମ ଲିଙ୍କନ ଲଗାତାର ପ୍ରାୟ ୨୬୬ ଦିନରୁ ଅଧିକ ଧରି ଦିନ ଧରି ସମୁଦ୍ରରେ ରହିଛି ଏବଂ ସ୍ଥଳଭାଗକୁ ଆସିନାହିଁ। ଜାହାଜରେ ଥିବା କର୍ମଚାରୀଙ୍କ ପାଇଁ ଏତେ ଲମ୍ବା ସମୟ ଧରି ନିୟୋଜିତ ହେବା କ୍ରମଶଃ କଷ୍ଟକର ହୋଇପଡୁଛି। ଗତ ଗୁରୁବାର ଦିନ, ସାନ ଡିଏଗୋରେ ଏକ ଭାବପ୍ରବଣ ବୈଠକ ହୋଇଥିଲା, ଯେଉଁଠାରେ ପ୍ରାୟ ୨୦୦ ସୈନିକଙ୍କ ପରିବାର ସଦସ୍ୟ ନୌସେନାର ବରିଷ୍ଠ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲେ। ଷ୍ଟାର୍ସ ଆଣ୍ଡ ଷ୍ଟ୍ରାଇପ୍ସର ଏକ ରିପୋର୍ଟ ଅନୁଯାୟୀ, ପରିବାରବର୍ଗ ଜାହାଜରେ ବଢୁଥିବା ସଙ୍କଟ ବିଷୟରେ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ଯୁଦ୍ଧଜାହାଜଟି ୨୧ ନଭେମ୍ବର ୨୦୨୫ ତାରିଖରେ ସାନ ଡିଏଗୋରୁ ଛାଡ଼ିଥିଲା। ପ୍ରାରମ୍ଭରେ, ଏହା ପ୍ରଶାନ୍ତ ମହାସାଗର ଅଭିମୁଖେ ଯାତ୍ରା କରୁଥିଲା। କିନ୍ତୁ, ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ, ଏହାକୁ ମଧ୍ୟପ୍ରାଚ୍ୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଫଳସ୍ୱରୂପ, ସୈନ୍ୟମାନଙ୍କୁ ସ୍ଥଳଭାଗରେ ବହୁତ କମ୍ ସମୟ ମିଳିଥିଲା। ସେମାନେ ଏପର୍ଯ୍ୟନ୍ତ ସ୍ଥଳଭାଗରେ କେବଳ ଦୁଇ ଦିନ ବିତାଇବାର ସୁଯୋଗ ପାଇଛନ୍ତି। ସେମାନେ ଡିସେମ୍ବରରେ ଥରେ ଗୁଆମରେ ଏବଂ ପୁଣି ଥରେ ଜୁଲାଇରେ ଓମାନରେ ଅଟକିଥିଲେ। ପ୍ରଥମେ ମେ' ମାସରେ ଏହି ନିୟୋଜନ ଶେଷ ହେବାର ଯୋଜନା ଥିଲା, କିନ୍ତୁ ଯୁଦ୍ଧ ଜାରି ରହିଥିବାରୁ ଏହାକୁ ଅନେକ ଥର ବୃଦ୍ଧି କରାଯାଇଛି । ବିମାନ ବାହକ ଜାହାଜଟି ଏବେ ଇରାନ ବିରୋଧରେ ପାଞ୍ଚ ମାସ ଧରି ସାମରିକ ଅଭିଯାନରେ ଅଛି। ଦୀର୍ଘ ସମୟ ଧରି ନିୟୋଜିତ ହେବାର ମାନସିକ ଚାପ ସହିତ,ଜାହାଜର ଭିତ୍ତିଭୂମି ବିଷୟରେ ମଧ୍ୟ ଅଭିଯୋଗ ଆସିଛି। ତେବେ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ଖବର ବୋଲି କହି ଖଣ୍ଡନ କରିଛନ୍ତି।

## ଲେହରେ ଭୂକମ୍ପ ଝଟକା

ଲଦାଖ : ଆଜି ସକାଳେ ଲଦାଖର ଲେହରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ୫.୫ ଥିବା ଜଣାପଡିଛି । ଫଳରେ ଲୋକ ଭୟରେ ଘରୁ ବାହାରକୁ ଦୌଡି ଆସିଥିଲେ । ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୬ଟା ୫ ମିନିଟରେ ଏହି ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ଘଝଉ ପକ୍ଷରୁ ସୂଚନା ମିଳିଛି । ଏହାର କେନ୍ଦ୍ରସ୍ଥଳ ୧୦ କି.ମି ଗଭୀରତାରେ ଥିବା ଜଣାପଡିଛି । ସକାଳୁ ଲୋକମାନେ ଶୋଇଥିବା ସମୟରେ ହଠାତ୍ ଭୂକମ୍ପ ଅନୁଭୂତ ହେବାରୁ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଦୌଡ଼ି ଆସିଥିଲେ । ପୁଣି ଭୂକମ୍ପ ହୋଇପାରେ ବୋଲି ଲୋକେ ଭୟରେ ଘରକୁ ଯାଉନାହାଁନ୍ତି । ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଲୋକଙ୍କ ସମ୍ପତ୍ତି କିମ୍ବା ଜୀବନ କ୍ଷତିର କୌଣସି ରିପୋର୍ଟ ସାମ୍ନାକୁ ଆସିନାହିଁ । ସୂଚନାଯୋଗ୍ୟ, ଗତ ଦୁଇ ଦିନ ତଳେ କଲମ୍ବିଆରେ ଭୟଙ୍କର ଭୂକମ୍ପ ହୋଇଥିଲା । ଯାହାର ତୀବ୍ରତା ୭.୭ ଥିଲା । ଯେଉଁଥିରେ ୨୫୪ଜଣରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ୫୦୦ରୁ ଅଧିକ ଆହତ ହୋଇଥିଲେ ।

## ଆର୍‌ଜି କର ଦୁଷ୍କର୍ମ ପୀଡ଼ିତାଙ୍କ ଶବଦାହ ମାମଲା: ଟିଏମ୍‌ସିର ପୂର୍ବତନ ବିଧାୟକ ଗିରଫ




କୋଲକାତା: ଅଗଷ୍ଟ ୨୦୨୪ରେ କୋଲକାତାର ଆରଜି କର ମେଡିକାଲ କଲେଜଓ ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଜଣେ ଡାକ୍ତରଙ୍କ ମୃତଦେହକୁ ତରବରିଆ ଭାବେ ଦାହ କରିବା ଘଟଣାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ଗୁରୁବାର ଗିରଫ କରାଯାଇଛି। ତରବରିଆ ଭାବରେ ଶବଦାହ କରାଯିବା ଘଟଣାରେ ବାରାକପୁର କମିସନରେଟ୍ ପୁଲିସ ଦ୍ୱାରା ପଞ୍ଜିକୃତ ଏତଲାରେ ଘୋଷ ଓ ଅନ୍ୟ ଦୁଇଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ଅନ୍ୟ ଦୁଇ ଜଣ ହେଉଛନ୍ତି ପାନିହାଟି ପୌରପାଳିକାର କାଉନସିଲର ସୋମନାଥ ଦେ ଓ ପୀଡିତ ପରିବାରର ପଡ଼ୋଶୀ ସଞ୍ଜୀବ ମୁଖାର୍ଜୀ।

ମୃତ ଡାକ୍ତରଙ୍କ ବାପାଙ୍କ ଅଭିଯୋଗକ୍ରମେ ଖାରଦାହ ପୁଲିସ ଷ୍ଟେସନରେ ଏହା ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ମୃତ ଡାକ୍ତରଙ୍କ ବାପା ଅଭିଯୋଗ କରିଥିଲେ ଯେ, ଦ୍ୱିତୀୟ ଶବ ବ୍ୟବଚ୍ଛେଦର ସମ୍ଭାବନାକୁ ଏଡାଇବା ଓ ପ୍ରମାଣ ଲୁଚାଇବା ପାଇଁ ତିନି ଅଭିଯୁକ୍ତଙ୍କ ତତ୍ତ୍ୱାବଧାନରେ ତରବରିଆ ଭାବେ ଶବଦାହ କରାଯାଇଥିଲା। ବାରାକପୁର କମିସନରେଟ ପୁଲିସର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ, ନୂତନ ମାମଲାଟି ଦୁଷ୍କର୍ମ ଓ ହତ୍ୟା ସମ୍ପର୍କିତ ସିବିଆଇ ତଦନ୍ତଠାରୁ ପୃଥକ୍। କୋଲକାତା ପୁଲିସ ଅଧୀନରେ ଆସୁଥିବା ଏହି ଦୁଷ୍କର୍ମ ଓ ହତ୍ୟା ଘଟଣାର ତଦନ୍ତ ସିବିଆଇ କରୁଛି। ଖାରଦାହ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ନୂତନ ଏତଲାଗୁଡ଼ିକ ମୃତକଙ୍କ ପରିବାରର ଅଭିଯୋଗ ଉପରେ ଆଧାରିତ।

ଏଥିରେ ପୀଡ଼ିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ପ୍ରମାଣ ଲୁଚାଇବା ପାଇଁ ପରିବାର ସଦସ୍ୟଙ୍କ ସମ୍ମତି ବିନା ଶୀଘ୍ର ଶବଦାହ କରାଯାଇଥିଲା। ମୃତ ଡାକ୍ତରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ପାଇଁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶବଦାହ ସମ୍ବନ୍ଧୀୟ ପରିସ୍ଥିତିରେ ଏକ ପୃଥକ୍ ମାମଲା ପଞ୍ଜୀକରଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବାର ଦୁଇ ଦିନ ପରେ ଏହି ଘଟଣା ଘଟିଛି। ଏହି ମାମଲାରେ ଘୋଷ, ଦେ ଓ ମୁଖାର୍ଜୀଙ୍କ ଭୂମିକାର ତଦନ୍ତ କରାଯିବ ବୋଲି ପୁଲିସ କହିଛି। ୩୧ ବର୍ଷୀୟ ପୋଷ୍ଟଗ୍ରାଜୁଏଟ୍ ଟ୍ରେନି ଡାକ୍ତରଙ୍କୁ ଅଗଷ୍ଟ ୯, ୨୦୨୪ରେ ଆରଜି କର ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ମୃତ ଡାକ୍ତରଙ୍କ ଶବଦାହ ବେଳେ ପରିବାର ଲୋକଙ୍କ ଦସ୍ତଖତ ନଥିବା ପୁଲିସ କହିଛି। ଦୁଷ୍କର୍ମ ମାମଲାରେ ଜଣେ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଓ ମାମଲା ଏବେ କୋଲକାତା ହାଇକୋର୍ଟରେ ବିଚାରାଧୀନ ଅଛି।

## ଗୁରୁଦ୍ୱାରରେ ସୁଖବୀର ବାଦଲଙ୍କ ଉପରେ ଆକ୍ରମଣ, ହସ୍ପିଟାଲରେ ଭର୍ତ୍ତି



ମହାରାଷ୍ଟ୍ର : ମହାରାଷ୍ଟ୍ର ନାନ୍ଦେଡ଼ରେ ଶିରୋମଣି ଅକାଳୀ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ ହୋଇଛି । ନାନ୍ଦେଡ଼ସ୍ଥିତ ଗୁରୁଦ୍ୱାର ମାତା ସାହିବ କୌରକୁ ଦର୍ଶନ କରିବାକୁ ଯାଇଥିବା ବେଳେ ନିହଙ୍ଗ ବେଶରେ ଆସିଥିବା ଜଣେ ବ୍ୟକ୍ତି କିରପାନରେ ଆକ୍ରମଣ କରିଛି । ଆକ୍ରମଣରେ ସୁଖବୀର ସିଂହ ବାଦଲଙ୍କ ବାମ ହାତରେ ଆଘାତ ଲାଗିଛି । ଘଟଣା ପରେ ତୁରନ୍ତ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । ତାଙ୍କ ସୁରକ୍ଷାରେ ନିୟୋଜିତ ଜଣେ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, କୌଣସି ଏକ କଥାକୁ ନେଇ ବଚସା ହେବା ପରେ ଅଭିଯୁକ୍ତ କିରପାନରେ ବାଦଲଙ୍କ ଉପରେ ଆକ୍ରମଣ କରିଥିଲେ । ଘଟଣା ପରେ ସୁରକ୍ଷାକର୍ମୀମାନେ ତୁରନ୍ତ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ଆକ୍ରମଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଅଭିଯୁକ୍ତଙ୍କ ନାମ ଜସପାଲ ସିଂହ ବୋଲି ଜଣାପଡ଼ିଛି । ଘଟଣା ପରେ ପୋଲିସ ଅଭିଯୁକ୍ତ ଜସପାଲ ସିଂହଙ୍କୁ ହେପାଜତକୁ ନେଇଛି । ପଚରାଉଚରା ବେଳେ ଅଭିଯୁକ୍ତ ନିଜ ବୟାନରେ କହିଛନ୍ତି ଯେ, କୌଣସି ଏକ କାରଣରୁ ଯୋଗୁଁ ଆକ୍ରମଣ କରିଥିଲେ । କିନ୍ତୁ ପୋଲିସ ତାଙ୍କ ଏହି ବୟାନରେ ସନ୍ତୁଷ୍ଟ ନଥିବା ଜଣାପଡ଼ିଛି । ଆକ୍ରମଣ ପଛରେ ଅନ୍ୟ କୌଣସି କାରଣ ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି । ଏନେଇ ଅଭିଯୁକ୍ତଙ୍କୁ ଲଗାତାର ପଚରାଉଚରା କରାଯାଉଛି । ସୂଚନାଯୋଗ୍ୟ, ପୂର୍ବରୁ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ ଉଦ୍ୟମ ହୋଇଥିଲା । ଡିସେମ୍ବର ୨୦୨୪ରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ବାହାରେ ସେ ସେବା କରୁଥିବା ସମୟରେ ତାଙ୍କ ଉପରକୁ ଗୁଳି ଚଳାଇବାକୁ ଚେଷ୍ଟା କରାଯାଇଥିଲା ।

## ଏୟାର ଇଣ୍ଡିଆର ବଡ଼ ନିଷ୍ପତ୍ତି, ସବୁ ପାଇଲଟଙ୍କ ହେବ ଟେଷ୍ଟ

ନୂଆଦିଲ୍ଲୀ : ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ ଟର୍ବୁଲାନ୍ସ ଘଟଣା ପରେ କମ୍ପାନୀ ବଡ଼ ପଦେକ୍ଷପ ନେଇଛି । ଏୟାର ଇଣ୍ଡିଆ ଗ୍ରୁପର ସମସ୍ତ ପାଇଲଟଙ୍କର ଏବେ ବାଧ୍ୟତାମୂଳକ ଡ୍ରଗ୍ସ ଟେଷ୍ଟ କରାଯିବ । ଏହି ଯାଞ୍ଚରେ ନିଷିଦ୍ଧ ପଦାର୍ଥ ଏବଂ ଔଷଧ ସେବନ ସମ୍ପର୍କରେ ପରୀକ୍ଷା କରାଯିବ । ଏହି ଟେଷ୍ଟିଂ ଆଜିଠାରୁ ଆରମ୍ଭ ହେବ । ଗୁରୁଗ୍ରାମ ଏକାଡେମୀ, ଫ୍ଲାଇଟ୍ ବ୍ରିଫିଂ ସେଣ୍ଟର ଏବଂ ବିଭିନ୍ନ ବେସ୍ ଲୋକେସନରେ ଏହି ଯାଞ୍ଚ ବ୍ୟବସ୍ଥା କରାଯିବ । କମ୍ପାନୀ ଅନୁସାରେ, ପାଇଲଟମାନଙ୍କର ଟ୍ରେନିଂ ଏବଂ ଉଡ଼ାଣ ପରେ ମଧ୍ୟ ସ୍କ୍ରିନିଂ କରାଯିବ । କମ୍ପାନୀ ପୂର୍ବରୁ ହିଁ ଡିଏଉଇର ସମସ୍ତ ନିୟମ ପାଳନ କରୁଛି । ତେବେ ଯାତ୍ରୀଙ୍କ ସୁରକ୍ଷାକୁ ଆହୁରି ମଜବୁତ କରିବା ଏବଂ ଏୟାର ଇଣ୍ଡିଆ ଉପରେ ଲୋକଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ନିୟମଠାରୁ ଆଗକୁ ଯାଇ ସମସ୍ତ ପାଇଲଟଙ୍କ ସ୍କ୍ରିନିଂ କରାଇବାକୁ ନିଷ୍ପତ୍ତି ନିଆଯାଇଛି । ସୂଚନାଯୋଗ୍ୟ, ଅଗଷ୍ଟ ୪ ତାରିଖରେ ଦିଲ୍ଲୀରୁ ଫୁକେଟ୍ ଯାଉଥିବା ଏୟାର ଇଣ୍ଡିଆର ଇଓ୨୩୭୯ ବିମାନରେ ଟର୍ବୁଲାନ୍ସ ହୋଇଥିଲା । ଫୁକେଟରୁ ଦିଲ୍ଲୀ ଫେରିବା ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସିଥିଲା । ଏହି ଘଟଣାରେ ୧୫ରୁ ଅଧିକ ଲୋକ ଆହତ ହୋଇଥିଲେ । ଘଟଣାର ତଦନ୍ତ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଇଇଓଇ କରୁଛି। ଏହି ମାମଲାରେ ପାଇଲଟଙ୍କ ଦ୍ୱାରା କଥିତ ଭାବେ ଗଞ୍ଜେଇ ସେବନ କରାଯାଇଥିବା ଦାବି ସାମ୍ନାକୁ ଆସିଛି । ଜଣେ କ୍ରୁ ସଦସ୍ୟ ଏନେଇ ଅଭିଯୋଗ କରିଥିବା ମଧ୍ୟ କୁହାଯାଇଛି ।

# କର୍ଣ୍ଣାଟକ ବନ୍ଦ: ତାମିଲନାଡୁ - କର୍ଣ୍ଣାଟକ ସୀମାରେ ଉତ୍ତେଜନା



ବେଙ୍ଗାଲୁରୁ: କାବେରୀ ଜଳ ବଣ୍ଟନ ପ୍ରସଙ୍ଗରେ ଗୁରୁବାର କର୍ଣ୍ଣାଟକରେ ବନ୍ଦ ପାଳନର ମିଶ୍ର ପ୍ରଭାବ ଦେଖାଯାଇଛି। ବନ୍ଦ ଯୋଗୁ ତାମିଲନାଡୁ -କର୍ଣ୍ଣାଟକ ସୀମାରେ ଉତ୍ତେଜନା ଦେଖାଯାଇଛି। ବେଙ୍ଗାଲୁରୁରେ ବନ୍ଦକୁ ନେଇ ବିଶେଷ ପ୍ରଭାବ ଦେଖିବାକୁ ମିଳି ନାହିଁ। ଅଧିକାଂଶ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଖୋଲା ରହିଥିଲା। ହୋଟେଲ, ଭୋଜନାଳୟ, ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ମଲ୍ ସ୍ୱାଭାବିକ ଭାବରେ ବ୍ୟବସାୟ କରୁଛନ୍ତି। ମେଟ୍ରୋ ରେଳ, କର୍ଣ୍ଣାଟକ ରାଜ୍ୟ ପରିବହନ ନିଗମ୍ ଓ ଘରୋଇ ବସ୍, କ୍ୟାବ୍ ଓ ଅଟୋ ମଧ୍ୟ ସ୍ୱାଭାବିକ ଭାବରେ ଚାଲୁଛି। ଟୁମାକୁରୁ ଓ ରାମନଗରରେ ବନ୍ଦର କମ୍ ପ୍ରଭାବ ଦେଖାଯାଇଥିଲା। ରାମନଗରରେ ଛୋଟ ଦୋକାନ, ହୋଟେଲ ଓ ବାଣିଜ୍ୟିକ ପ୍ରତିଷ୍ଠାନ ବନ୍ଦ ରହିଛି। କିନ୍ତୁ ଟୁମାକୁରୁରେ ଜୀବନଯାତ୍ରା ସ୍ୱାଭାବିକ ରହିଛି। ଭଟଲ ନାଗରାଜଙ୍କୁ ପ୍ରଥମେ ତାଙ୍କ ଘରେ ଅଟକ ରଖାଯାଇଥିଲା ଓ ପରେ ପୁଲିସ ତାଙ୍କୁ ଏକ ଗାଡ଼ିରେ ବସାଇ ଅଜଣା ସ୍ଥାନକୁ ନେଇଯାଇଥିଲା।କାବେରୀ ଜଳ ବଣ୍ଟନ ପ୍ରସଙ୍ଗରେ ଗୁରୁବାର ରାଜ୍ୟବ୍ୟାପୀ ବନ୍ଦ ମଧ୍ୟରେ ମାଣ୍ଡ୍ୟା ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ମଦ ବିକ୍ରି ଉପରେ କଟକଣା ଜାରି କରିଛି। ମାଣ୍ଡ୍ୟାରେ କନ୍ନଡ ଓ କୃଷକ ଗୋଷ୍ଠୀ ପ୍ରତିବାଦ କରି ରାଜ୍ୟ ସରକାରଙ୍କୁ କାବେରୀ ଜଳ ନ ଛାଡିବା ପାଇଁ ଚାପ ପକାଇଛନ୍ତି। ମହୀଶୂର ବାର୍ ଆସୋସିଏସନ୍ ସଭାପତି ଏସ୍ ଲୋକେଶ ସୂଚନା ଦେଇଛନ୍ତି ଯେ, ପାଣି ଛାଡିବା ପାଇଁ ସିଡବ୍ଲ୍ୟୁଆର୍ ?ସି ନିର୍ଦ୍ଦେଶକୁ ବିରୋଧ କରି ଓକିଲମାନେ ଆଜିର କୋର୍ଟ କାର୍ଯ୍ୟରେ ଯୋଗଦେବେ ନାହିଁ। ଏହି ସମୟରେ ସହରରେ ଅନେକ ଚାଷୀ ଗୋଷ୍ଠୀ ପ୍ରତିବାଦ ଶୋଭାଯାତ୍ରା କରୁଛନ୍ତି। ହାସନ, ଚିକ୍କାମାଗାଲୁରୁ, ଶିବମୋଗା, କୋଡାଗୁ ଓ ଚାମରାଜନଗର ଜିଲ୍ଲାରେ ମଧ୍ୟ ବନ୍ଦର ପ୍ରଭାବ ଦେଖାଯାଇ ନାହିଁ। ତାମିଲନାଡୁ ସରକାରଙ୍କ ଦ୍ୱାରା ଦୃଢ଼ ବିରୋଧ କରାଯାଉଥିବା ମେକେଡାଟୁ ନଦୀବନ୍ଧର ତୁରନ୍ତ ନିର୍ମାଣ ଦାବି କରି କନ୍ନଡ ସଂଗଠନର ସଦସ୍ୟମାନେ ଗୁରୁବାର ପ୍ରତିବାଦ କରିବା ପରେ ତାମିଲନାଡୁ-କର୍ଣ୍ଣାଟକ ସୀମାରେ ଉତ୍ତେଜନା ଦେଖାଦେଇଥିଲା। କନ୍ନଡ ଜାଗୃତି ବେଦିକେ ସଭାପତି ମଞ୍ଜୁନାଥ ଦେବଙ୍କ ନେତୃତ୍ୱରେ ପ୍ରଦର୍ଶନକାରୀମାନେ ସୀମାନ୍ତ ଜୁଜୁବାଡ଼ିରେ କର୍ଣ୍ଣାଟକ ପ୍ରବେଶ ସ୍ଥାନ ନିକଟରେ ଏକତ୍ରିତ ହୋଇଥିଲେ। ଆନ୍ଦୋଳନ ତୀବ୍ର ହେବା ସହିତ, କର୍ଣ୍ଣାଟକ ଅଭିମୁଖେ ଯାଉଥିବା ସମସ୍ତ ବସ୍ ଓ ଯାନବାହନକୁ ତାମିଲନାଡୁ ପାର୍ଶ୍ୱରେ ଅଟକାଯାଇଥିଲା, ଯାହା ଫଳରେ ବେଙ୍ଗାଲୁରୁ ଓ ଅନ୍ୟାନ୍ୟ ସ୍ଥାନକୁ ଯାତ୍ରା କରୁଥିବା ଅନେକ ଯାତ୍ରୀ ଚାଲି ଚାଲି ଯିବା ଆସିବା କରିବାକୁ ବାଧ୍ୟ ହୋଇଥିଲେ।

## ଭରତ ତିୱାରୀଙ୍କ ପରିବାରକୁ ମିଳିବ ଆର୍ଥିକ ସହାୟତା ଏବଂ ସରକାରୀ ଚାକିରି

ବିହାର : ବିହାର ଭୋଜପୁରର ଭରତ ଭୂଷଣ ତିୱାରୀ ଏନକାଉଣ୍ଟର ମାମଲାରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ବଡ଼ ଘୋଷଣା କରିଛନ୍ତି । ସମ୍ରାଟ ଚୌଧୁରୀ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟରେ କରି ସୂଚନା ଦେଇଛନ୍ତି । ଏଥିରେ ଲେଖାଯାଇଛି କି, ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ମିଳିବା ସହିତ ଆର୍ଥିକ ସହାୟତା ମଧ୍ୟ ମିଳିବ । ହେଲେ ଭରତ ତିୱାରୀ ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ପାଇଁ ଦାବି କରିଛନ୍ତି । ଯେଉଁମାନେ ତାଙ୍କ ଭାଇଙ୍କୁ ହତ୍ୟା କରିଛନ୍ତି, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି । ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ସମ୍ରାଟ ଚୌଧୁରୀ କହିଛନ୍ତି, ନ୍ୟାୟିକ ଯାଞ୍ଚ ପାଇଁ ଅନ୍ତରୀମ ରିପୋର୍ଟ ଆଧାରରେ ବିହାର ସରକାରଙ୍କ ଦ୍ୱାରା ଦିଂବଗତ ଭରତ ତିୱାରୀଙ୍କ ପରିବାରକୁ ଆର୍ଥିକ ସହାୟତା ଏବଂ ପରିବାରର ଜଣକ ସରକାରୀ ଚାକିରି ମିଳିବ । ପୂର୍ବରୁ ବାଙ୍କୀପୁର ବିଧାନସଭା ନିର୍ବାଚନ ପୂର୍ବରୁ ଭାରତ ତିୱାରୀଙ୍କ ପରିବାର ତରଫରୁ ପାଟନାରେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରାଯାଇଥିଲା । ଏହାପରେ ନିଜେ ମୁଖ୍ୟମନ୍ତ୍ରୀ ଫଟୋ ପୋଷ୍ଟ କରି ଭରତ ତିୱାରୀଙ୍କ ପରିବାରକୁ ନ୍ୟାୟ ମିଳିବ ବୋଲି କହିଥିଲେ । ସୂଚନାଯୋଗ୍ୟ, ବିହାର ଭୋଜପୁର ଜିଲ୍ଲାର ଶାହପୁର ଥାନା ଅଞ୍ଚଳରେ ଭରତ ଭୂଷଣ ତିୱାରୀଙ୍କୁ ୧୭ ଜୁନରେ ହତ୍ୟା କରାଯାଇଥିଲା । ପୋଲିସ ତରଫରୁ ଭରତ ତିୱାରୀଙ୍କୁ ୫ଟି ଗୁଳି ବାଜିଥିଲା । ଏହାର ଦିନକ ପୂର୍ବରୁ ଭରତ ଭୂଷଣଙ୍କ ଏକ ଭିଡିଓ ଭାଇରଲ ହୋଇଥିଲା । ଯେଉଁଥିରେ ସେ ପୋଲିସକୁ ବନ୍ଧୁକ ଦେଖାଇଥିବାର ନଜର ଆସିଥିଲେ । ପୋଲିସ ଏନକାଉଣ୍ଟର କରି ଭରତ ଭୂଷଣଙ୍କୁ ହତ୍ୟା କରିଥିଲା । ଏହି ମାମଲାକୁ ନେଇ ବହୁତ ବିବାଦ ଦେଖାଦେଇଥିଲା । ମାମଲାରେ ଏସଟିଏଫର ଯବାନ ଅକ୍ଷୟ କୁମାରଙ୍କୁ ଗିରଫ କରାଯାଇଥିଲା । ଜଗଦୀଶପୁର ଏସଡିଏମଙ୍କୁ ମଧ୍ୟ ହଟାଯାଇଛି ।

## ମାନସିକ ସନ୍ତୁଳନ ହରାଉଛନ୍ତି ଆମେରିକୀୟ ସୈନିକ; ଯୁଦ୍ଧଜାହାଜରୁ ଡେଇଁ ହାରୁଛନ୍ତି ଜୀବନ

ୱାସିଂଟନ: ଇରାନ ବିରୋଧରେ ଡୋନାଲ୍ଡ ଟ୍ରମ୍ପଙ୍କ ମହଙ୍ଗା ଏବଂ ଦୀର୍ଘକାଳୀନ ଯୁଦ୍ଧ ଆମେରିକୀୟ ସୈନିକମାନଙ୍କୁ ମାନସିକ ବିଷାଦଗ୍ରସ୍ତ କରିଛି। ଫଳରେ ସେମାନେ ନିଜ ଜୀବନ ନେବା ପାଇଁ ସମୁଦ୍ରକୁ ଡେଇଁ ପଡୁଛନ୍ତି। ଯୁଦ୍ଧବିମାନ ବାହକ ଜାହାଜ ୟୁଏସଏସ ଆବ୍ରାହମ ଲିଙ୍କନରେ ନିୟୋଜିତ ପ୍ରାୟ ୫ ହଜାର ସୈନିକଙ୍କ ପରିବାର କହିଛନ୍ତି ଯେ ସମୁଦ୍ରରେ ପ୍ରାୟ ନଅ ମାସ ମୁତୟନ, ବିଭିନ୍ନ ସମସ୍ୟା ଏବଂ ବାରମ୍ବାର ନିୟୋଜିତ ହେବା ସେମାନଙ୍କୁ ମାନସିକ ଭାବରେ ଭାଙ୍ଗି ଦେଇଛି। ମିଲିଟାରୀ ଟାଇମ୍ସ ରିପୋର୍ଟ କରିଛି ଯେ, ଜାହାଜରେ ଥିବା ଅନେକ ସୈନିକ ନିଜ ଜୀବନ ନେବାକୁ କରିବାକୁ ଚେଷ୍ଟା କରୁଛନ୍ତି।ୟୁଏସଏସ ଆବ୍ରାହମ ଲିଙ୍କନ ଲଗାତାର ପ୍ରାୟ ୨୬୬ ଦିନରୁ ଅଧିକ ଧରି ଦିନ ଧରି ସମୁଦ୍ରରେ ରହିଛି ଏବଂ ସ୍ଥଳଭାଗକୁ ଆସିନାହିଁ। ଜାହାଜରେ ଥିବା କର୍ମଚାରୀଙ୍କ ପାଇଁ ଏତେ ଲମ୍ବା ସମୟ ଧରି ନିୟୋଜିତ ହେବା କ୍ରମଶଃ କଷ୍ଟକର ହୋଇପଡୁଛି। ଗତ ଗୁରୁବାର ଦିନ, ସାନ ଡିଏଗୋରେ ଏକ ଭାବପ୍ରବଣ ବୈଠକ ହୋଇଥିଲା, ଯେଉଁଠାରେ ପ୍ରାୟ ୨୦୦ ସେ ?ନିକଙ୍କ ପରିବାର ସଦସ୍ୟ ନୌସେନାର ବରିଷ୍ଠ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲେ। ଷ୍ଟାର୍ସ ଆଣ୍ଡ ଷ୍ଟ୍ରାଇପ୍ସର ଏକ ରିପୋର୍ଟ ଅନୁଯାୟୀ, ପରିବାରବର୍ଗ ଜାହାଜରେ ବଢୁଥିବା ସଙ୍କଟ ବିଷୟରେ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ଯୁଦ୍ଧଜାହାଜଟି ୨୧ ନଭେମ୍ବର ୨୦୨୫ ତାରିଖରେ ସାନ ଡିଏଗୋରୁ ଛାଡ଼ିଥିଲା। ପ୍ରାରମ୍ଭରେ, ଏହା ପ୍ରଶାନ୍ତ ମହାସାଗର ଅଭିମୁଖେ ଯାତ୍ରା କରୁଥିଲା। କିନ୍ତୁ, ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ, ଏହାକୁ ମଧ୍ୟପ୍ରାଚ୍ୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଫଳସ୍ୱରୂପ, ସୈନ୍ୟମାନଙ୍କୁ ସ୍ଥଳଭାଗରେ ବହୁତ କମ୍ ସମୟ ମିଳିଥିଲା। ସେମାନେ ଏପର୍ଯ୍ୟନ୍ତ ସ୍ଥଳଭାଗରେ କେବଳ ଦୁଇ ଦିନ ବିତାଇବାର ସୁଯୋଗ ପାଇଛନ୍ତି। ସେମାନେ ଡିସେମ୍ବରରେ ଥରେ ଗୁଆମରେ ଏବଂ ପୁଣି ଥରେ ଜୁଲାଇରେ ଓମାନରେ ଅଟକିଥିଲେ। ପ୍ରଥମେ ମେ' ମାସରେ ଏହି ନିୟୋଜନ ଶେଷ ହେବାର ଯୋଜନା ଥିଲା, କିନ୍ତୁ ଯୁଦ୍ଧ ଜାରି ରହିଥିବାରୁ ଏହାକୁ ଅନେକ ଥର ବୃଦ୍ଧି କରାଯାଇଛି । ବିମାନ ବାହକ ଜାହାଜଟି ଏବେ ଇରାନ ବିରୋଧରେ ପାଞ୍ଚ ମାସ ଧରି ସାମରିକ ଅଭିଯାନରେ ଅଛି। ଦୀର୍ଘ ସମୟ ଧରି ନିୟୋଜିତ ହେବାର ମାନସିକ ଚାପ ସହିତ,ଜାହାଜର ଭିତ୍ତିଭୂମି ବିଷୟରେ ମଧ୍ୟ ଅଭିଯୋଗ ଆସିଛି। ତେବେ ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ଖବର ବୋଲି କହି ଖଣ୍ଡନ କରିଛନ୍ତି।

## ବାଂଲାଦେଶ: ରାତି ୮ଟା ପରେ ମଲ୍ ଓ ଦୋକାନ ବଜାର ବନ୍ଦ, ସହାୟତା ପାଇଁ ଭାରତକୁ ଅନୁରୋଧ

ଢାକା: ବାଂଲାଦେଶ ବର୍ତ୍ତମାନ ଏକ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି। ଏହି ସଙ୍କଟକୁ ନିୟନ୍ତ୍ରଣ କରିବା ପାଇଁ ବାଂଲାଦେଶ ସରକାର ଅଗଷ୍ଟ ୧୨ ତାରିଖରେ ଏକ ଅଫିସିଆଲ୍ ନୋଟିଫିକେସନ୍ ଜାରି କରି ସାରା ଦେଶରେ ସପିଂ ମଲ୍, ମାର୍କେଟ୍ ଏବଂ ଦୋକାନଗୁଡ଼ିକ କେବଳ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍, ଶକ୍ତି ଓ ଖଣିଜ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଦେଶସାରା ଚାଲିଥିବା କିମ୍ବା ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ମେଳା, ବାଣିଜ୍ୟ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ରାତି ୮ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ଏହା ସହିତ ସନ୍ଧ୍ୟା ୭ଟା ସୁଦ୍ଧା ସମସ୍ତ ସାଜସଜ୍ଜା ପାଇଁ ବ୍ୟବହୃତ ଲାଇଟକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାର ଦେଶରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଥିବାରୁ



କୃତ୍ରିମ ଆଲୋକର ବ୍ୟବହାର କମାଇବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ସଙ୍କଟର ମୁକାବିଲା ପାଇଁ ବାଂଲାଦେଶର ଶକ୍ତି ମନ୍ତ୍ରୀ ଇକବାଲ ହସନ ମହମୁଦ ଭାରତୀୟ ହାଇକମିଶନର ପ୍ରଣୟ ବର୍ମାଙ୍କ ସହ ଆଲୋଚନା କରି ଭାରତରୁ ଅତିରିକ୍ତ ଡିଜେଲ ଯୋଗାଣ ପାଇଁ ଅନୁରୋଧ କରିଛନ୍ତି। ବିଶ୍ୱସ୍ତରରେ ମଧ୍ୟପ୍ରାଚ୍ୟ ବିବାଦ ବୃଦ୍ଧି ପାଇଲେ ଇନ୍ଧନ ଆମଦାନୀ ବାଧାପ୍ରାପ୍ତ ହୋଇପାରେ, ତେଣୁ ଭାରତ-ବାଂଲାଦେଶ ପାଇପଲାଇନ୍ ଜରିଆରେ ଅଧିକ ଡିଜେଲ୍ ଦେବାକୁ ବାଂଲାଦେଶ ଅନୁରୋଧ କରିଛି। ଏହି ଅନୁରୋଧ ସମ୍ପର୍କରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସ୍ପୋକ୍ସପରସନ୍ ରଣଧୀର ଜୈସୱାଲ କହିଛନ୍ତି ଯେ, ବାଂଲାଦେଶ ସରକାରଙ୍କଠାରୁ ଅନୁରୋଧ ମିଳିଛି ଏବଂ ଏହାର ତର୍ଜମା କରାଯାଉଛି।

# ଭାରତରେ ଟିମ୍ ଇଣ୍ଡିଆର ଆତିଥ୍ୟ କରିବ ଆଫଗାନିସ୍ତାନ





ନୂଆଦିଲ୍ଲୀ, ୧୩।୮ : ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଆଗାମୀ ଟି-୨୦ ସିରିଜକୁ ନେଇ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଉଭୟ ଦେଶ ମଧ୍ୟରେ ତିନିଟିକିଆ ଟି-୨୦ ମ୍ୟାଚ୍ ସିରିଜ୍ ଖେଳାଯିବ। ତେବେ ଏହି ସିରିଜକୁ ନେଇ ଏକ ବଡ଼ ରୋଚକ ତଥ୍ୟ ସାମ୍ନାକୁ ଆସିଛି—କାଗଜ କଲମରେ ଆଫଗାନିସ୍ତାନ ଭାରତୀୟ ଦଳର ଆତିଥ୍ୟ କରୁଥିବା ବେଳେ ପ୍ରକୃତରେ ସମସ୍ତ ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟଲ୍ସ ଷ୍ଟାଡିୟମରେ ଖେଳାଯିବ।

ଏହି ରୋମାଞ୍ଚକର ସିରିଜର ପ୍ରଥମ ମ୍ୟାଚ୍ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବ। ଏହାପରେ ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୧୫ ଏବଂ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ସେପ୍ଟେମ୍ବର ୧୭ ତାରିଖରେ ଖେଳାଯିବ। କ୍ରିକେଟ୍ ଇତିହାସରେ ଏହା ପ୍ରଥମ ଏଭଳି ଘଟଣା ହେବ, ଯେଉଁଠି ଭାରତୀୟ ଦଳ ବିଦେଶ ଗସ୍ତରେ ଥିବା ନେଇ କାଗଜପତ୍ରରେ ରେକର୍ଡ ରହିବ, କିନ୍ତୁ ପ୍ରକୃତରେ ମ୍ୟାଚଗୁଡ଼ିକ ଭାରତ ଭୂମିରେ ହିଁ ଖେଳାଯିବ।

ମ୍ୟାଚ୍‌ଗୁଡ଼ିକ ଭାରତରେ ହେଉଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ଆଫଗାନିସ୍ତାନ ହିଁ ଟିମ୍ ଇଣ୍ଡିଆର ଆତିଥ୍ୟ କରୁଛି। ତେଣୁ ଏହି ସିରିଜ୍ ଆୟୋଜନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ଉଠାଇବ। ଖେଳାଳିଙ୍କ ରହଣି, ଯାତାୟାତ ଏବଂ ଷ୍ଟାଡିୟମର ଭଡ଼ାଠାରୁ ଆରମ୍ଭ କରି ସମସ୍ତ ଆର୍ଥିକ ଦାୟିତ୍ୱ ଏସସିବି (ଇଉଇ) ବହନ କରିବ।

ଅନ୍ୟପକ୍ଷରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏଠାରେ ଏକ ସହଯୋଗୀ ଭୂମିକାରେ ନଜର ଆସିବ। ବିସିସିଆଇ ମାମଲାକୁ ସହଜ କରିବା ପାଇଁ ଷ୍ଟାଡିୟମ ଉପଲବ୍ଧ କରାଇବା, କଡ଼ା ସୁରକ୍ଷା ବ୍ୟବସ୍ଥା ଏବଂ ଲଜିଷ୍ଟିକ୍ସ ବିଭାଗରେ ସାହାଯ୍ୟ କରିବ। ଆଫଗାନିସ୍ତାନ ବୋର୍ଡକୁ ସର୍ବନିମ୍ନ ଦରରେ ସମସ୍ତ ସୁବିଧା ଯୋଗାଇ ଦେବାରେ ବିସିସିଆଇ ସହଯୋଗ କରୁଛି, କିନ୍ତୁ ଆର୍ଥିକ ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ଆଫଗାନିସ୍ତାନ ବୋର୍ଡ ହିଁ ପରିଚାଳନା କରିବ।

ବିଦେଶୀ ମାଟିରେ ନହୋଇ ଭାରତରେ ମ୍ୟାଚ୍ ହେଉଥିବାରୁ ଏହାର ବ୍ୟବସାୟିକ ଲାଭ କାହାକୁ ମିଳିବ, ତାହା ମଧ୍ୟ ଏକ ପ୍ରଶ୍ନ। ତେବେ ସିରିଜର ଅଫିସିଆଲ୍ ହୋଷ୍ଟ ଆଫଗାନିସ୍ତାନ ହୋଇଥିବାରୁ ବ୍ରୋଡ୍‌କାଷ୍ଟିଂ ରାଇଟ୍ସ, ସ୍ପନ୍‌ସରଶିପ୍ ଡିଲ୍ ଏବଂ ଅନ୍ୟାନ୍ୟ କମର୍ସିଆଲ୍ ରାଇଟ୍ସ ବିକ୍ରି କରି ମିଳୁଥିବା ସମସ୍ତ ଅର୍ଥ ସିଧାସଳଖ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡର ଖାତାକୁ ଯିବ। ଏପରିକି ଷ୍ଟାଡିୟମର ଟିକେଟ୍ ବିକ୍ରିରୁ ଆସୁଥିବା ରାଜସ୍ୱ ମଧ୍ୟ ଇଉଇ କୁ ହିଁ ମିଳିବ।ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଏଯାବତ୍ ମୋଟ ୯ଟି ଟି-୨୦ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୮ଟି ମ୍ୟାଚ୍ ଜିତିଛି ଏବଂ ଗୋଟିଏ ମ୍ୟାଚ୍ ଅଫହୋଇ ରହିଥିଲା।

# ଭାରତର ଜୋରଦାର ଅଭ୍ୟାସ

ନୂଆଦିଲ୍ଲୀ, ୧୩।୮ : ଭାରତର ଶ୍ରୀଲଙ୍କା ଗସ୍ତ ଦିନକ ପରେ ଆରମ୍ଭ ହେବାକୁ ଯାଉଛି। ଦୁଇ ଦଳ ମଧ୍ୟରେ ଟେଷ୍ଟ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ। ଜସପ୍ରିତ ବୁମରାଙ୍କ ସମେତ ଅନେକ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ, ଟିମ୍ ଇଣ୍ଡିଆ ଏକ ଯୁବ ଦଳକୁ ପଡିଆରେ ପକାଇବ। ଶ୍ରୀଲଙ୍କାର ପିଚ୍‌ର ସ୍ପିନ୍ ଏବଂ ଟର୍ଣ୍ଣ ଭାରତୀୟ ଖେଳାଳିଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ହେବ। କିନ୍ତୁ ଦଳରେ କିଛି ମ୍ୟାଚ୍-ୱିନର ଅଛନ୍ତି ଯେଉଁମାନେ ଏକାକୀ ମ୍ୟାଚ୍‌ର ଗତି ବଦଳାଇ ପାରିବେ।

ଏହି ତାଲିକାରେ ପ୍ରଥମ ନାମ ହେଉଛି ରବୀନ୍ଦ୍ର ଜାଡେଜା। ତାଙ୍କ ଅଭିଜ୍ଞତା ଏବଂ ଅଲରାଉଣ୍ଡ୍ କ୍ଷମତା ସହିତ, ଜାଡେଜା ଯୁବ ଦଳର ସବୁଠାରୁ ନିର୍ଭରଯୋଗ୍ୟ ଖେଳାଳିଙ୍କ ମଧ୍ୟରୁ ଜଣେ। ଶ୍ରୀଲଙ୍କାର ଧୀର ଏବଂ ଟର୍ଣ୍ଣିଂ ପିଚ୍‌ରେ ତାଙ୍କର ସଠିକ୍ ବୋଲିଂ ବିପକ୍ଷ ବ୍ୟାଟ୍ସମ୍ୟାନ୍ମାନଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇପାରେ। ଜାଡେଜାଙ୍କର ଶ୍ରୀଲଙ୍କା ବିପକ୍ଷରେ ଏକ ଉତ୍କୃଷ୍ଟ ଟେଷ୍ଟ ରେକର୍ଡ ଅଛି, ସେ ଏପର୍ଯ୍ୟନ୍ତ ୭ ମ୍ୟାଚ୍‌ରେ ୩୩ ୱିକେଟ୍ ନେଇଛନ୍ତି। ଜାଡେଜା ବ୍ୟାଟ୍ ସହିତ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିପାରିବେ, କାରଣ ତାଙ୍କର ସର୍ବାଧିକ ଟେଷ୍ଟ ସ୍କୋର (୧୭୫ ରନ୍) ମଧ୍ୟ ଏହି ଦଳ ବିପକ୍ଷରେ ଆସିଥିଲା।ଯଶସ୍ୱୀ ଜୟସ୍ୱାଲଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଶ୍ରୀଲଙ୍କା ବୋଲରଙ୍କ ରଣନୀତିକୁ ବିପର୍ଯ୍ୟସ୍ତ କରିପାରେ। ଟେଷ୍ଟ କ୍ରିକେଟରେ ଉଚ୍ଚ ହାରରେ ସ୍କର କରିଥିବା ଜୟସ୍ୱାଲ ଆରମ୍ଭରୁ ଚାପ ସୃଷ୍ଟି କରିବା ପାଇଁ ଜଣାଶୁଣା। ଜୟସ୍ୱାଲ ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ପ୍ରଥମ ଟେଷ୍ଟ ଖେଳିବେ ଏବଂ ନୂତନ ବଲ୍ ମାରିବାର ତାଙ୍କର ଅଭ୍ୟାସ ଶ୍ରୀଲଙ୍କା ବୋଲରମାନଙ୍କୁ ପଛକୁ ପକାଇପାରେ। ଅଭ୍ୟାସ ମ୍ୟାଚ୍‌ରେ ତାଙ୍କର ୬୧ ରନ୍ ସୂଚାଇ ଦିଏ ଯେ ସେ ଗସ୍ତ ପାଇଁ ଭଲ ସ୍ଥିତିରେ ଅଛନ୍ତି।

ଏହି ଗସ୍ତ ଶୁଭମାନ ଗିଲ୍ ପାଇଁ ଅଧିନାୟକ ଭାବରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଦଳର ନେତୃତ୍ୱ ନେବା ସହିତ ତାଙ୍କ ପାଖରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାଟିଂ ଦାୟିତ୍ୱ ରହିବ। ଶ୍ରୀଲଙ୍କା ସ୍ପିନରମାନଙ୍କ ବିରୁଦ୍ଧରେ ତାଙ୍କର ପାଦ କାମ ଭାରତ ପାଇଁ ଏକ ପ୍ରମୁଖ ସମ୍ପତ୍ତି ହୋଇପାରେ। କଲମ୍ବୋରେ ଅଭ୍ୟାସ ମ୍ୟାଚ୍ ସମୟରେ ଗିଲ୍ ତାଙ୍କର ୪୪ ରନ୍ ଇନିଂସ ସହିତ ତାଙ୍କର ଫର୍ମର ଝଲକ ମଧ୍ୟ ଦେଖାଇଥିଲେ। ଯଦି ସେମାନେ ସେମାନଙ୍କର ଭଲ ଆରମ୍ଭକୁ ଏକ ବଡ଼ ଇନିଂସରେ ପରିଣତ କରିପାରିବେ, ତେବେ ଶ୍ରୀଲଙ୍କା ପାଇଁ ସେମାନଙ୍କୁ ଅଟକାଇବା କଷ୍ଟକର ହେବ।

ଏହି ତିନି ଜଣ ଖେଳାଳି ଭାରତୀୟ ଦଳକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଜାଡେଜାଙ୍କ ଅଭିଜ୍ଞତା, ଜୟସୱାଲଙ୍କ ଆକ୍ରମଣାତ୍ମକ ଗୁଣ ଏବଂ ଗିଲଙ୍କ ଶ୍ରେଣୀ ଶ୍ରୀଲଙ୍କା ଟେଷ୍ଟ ସିରିଜରେ ଦଳକୁ ପ୍ରଭାବ ପକାଇବାରେ ସାହାଯ୍ୟ କରିପାରେ।

# ଝିଅ ସହ ସ୍କାଏଙ୍କ ପ୍ରଥମ ବିମାନ ଯାତ୍ରା



ନୂଆଦିଲ୍ଲୀ, ୧୩।୮ : ଭାରତୀୟ ଟ୍ୱେଣ୍ଟି-୨୦ ଦଳର ପୂର୍ବତନ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନବଜାତ ଝିଅ ରିଦ୍ଧିମା ସହ ପ୍ରଥମ ବିମାନ ଯାତ୍ରା କରିଛନ୍ତି। ସ୍କାଏ ଭାବେ ପରିଚିତ ଏହି ଭାରତୀୟ ବ୍ୟାଟର୍ ଚଳିତ ବର୍ଷ ମେ ୭ ତାରିଖରେ ପିତା ହେବାର ସୌଭାଗ୍ୟ ପାଇଥିଲେ। ପିତା ହେବା ପରେ ପତ୍ନୀ ଦେବୀଶା ସେଟ୍ଟୀଙ୍କ ସହ ବିମାନ ଯାତ୍ରା କରିଛନ୍ତି। ଦେବୀଶା ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ବିମାନରେ ଝିଅ ଓ ପତିଙ୍କ ସହ ଉଠାଇଥିବା ସେଲ୍‌ଫି ପୋଷ୍ଟ୍ କରିଛନ୍ତି। ଏହାର ଶିରୋନାମରେ ସେ ଲେଖିଛନ୍ତି, 'ଆମ କୁନି ଝିଅ ସହ ପ୍ରଥମ ବିମାନ ଯାତ୍ରା'। ଏହି ପୋଷ୍ଟ୍‌କୁ ସ୍କାଏଙ୍କ ପ୍ରଶଂସକମାନେ ବହୁତ ପସନ୍ଦ କରିବା ସହ ଯାତ୍ରା ସୁଖମୟ ହେଉ ବୋଲି କମେଣ୍ଟ କରିଛନ୍ତି। ଚଳିତ ମାସରେ ସ୍କାଏ ଓ ଦେବୀଶା ଦଶମ ବିବାହ ବାର୍ଷିକୀ ଝିଅ ଉପସ୍ଥିତିରେ ପାଳନ କରିଥିଲେ। ଭାରତକୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ ଦେବାର ୩ ମାସ ପରେ ସୂର୍ଯ୍ୟଙ୍କୁ ଖରାପ ଫର୍ମ ପାଇଁ ଦଳରୁ ବାଦ୍ ଦିଆଯାଇଛି। ସୂର୍ଯ୍ୟ ପୁଣି ଥରେ ଦଳକୁ ଫେରିବା ଲାଗି କଠିନ ପରିଶ୍ରମ ଜାରି ରଖିଛନ୍ତି।

## ରାଜ୍ୟଗୋଷ୍ଠୀ ପାରା ଅସିଚାଳନା

# ଓଡିଶା ପୁରୁଷ ଖେଳାଳି ଜିତିଲେ ୫ ପଦକ









ଭୁବନେଶ୍ୱର, ୧୩।୮ :ଚଳିତ ରାଜ୍ୟଗୋଷ୍ଠୀ ପାରା ଅସିଚାଳନା ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ଓଡିଶା ଖେଳାଳି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ବୁଧବାର ମହିଳା ପାରା ଅସିଚାଳିକା ମାଳତି ପନାଉରେ ୨ ସ୍ୱର୍ଣ୍ଣ ପଦକ ଜିତିଥିଲା ବେଳେ ଗୁରୁବାର ଓଡିଶାର ୫ ଖେଳାଳି ୫ ପଦକ (୨ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ କାଂସ୍ୟ) ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି।

ନାଇଜେରିଆର ଲାଗୋସ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାର ପୁରୁଷ ଫଏଲ୍ 'ଏ' ବର୍ଗରେ ଭି ରମେଶ ରାଓ ସ୍ୱର୍ଣ୍ଣ ଜିତିଥିଲା ବେଳେ ପବିତ୍ର ସାହୁ ଓ ରାଖାଲ କୁମାର ସେଠୀ କାଂସ୍ୟ ପଦକ ପାଇଥିଲେ। ପୁଲ୍ ପର୍ଯ୍ୟାୟରେ ଏହି ୩ ଖେଳାଳି ଚମତ୍କାର ପ୍ରଦର୍ଶନ କରି କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲେ। କ୍ୱାର୍ଟରଫାଇନାଲ୍‌ରେ ରମେଶ ୧୫-୨ରେ ଉଗ୍ଣୁନେୟେ ଓପଓଲୁୱାଙ୍କୁ, ପବିତ୍ର ୧୫-୧୦ ସନ୍ଦୀପଙ୍କୁ ଏବଂ ରାଖାଲ ୧୫-୧୦ରେ ପ୍ରବୀଣଙ୍କୁ ହରାଇଥିଲେ। ସେମିଫାଇନାଲ୍‌ରେ ରମେଶ ୧୫-୧୨ରେ ପବିତ୍ରଙ୍କୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲେ। ରାଖାଲ ୧୩-୧୫ରେ ପିଙ୍କୁଙ୍କଠୁ ହାରି ଫାଇନାଲ୍‌ରୁ ବଞ୍ଚିତ ହୋଇଥିଲେ। ତେବେ ସେମିଫାଇନାଲ୍‌ରେ ହାରି ପବିତ୍ର ଓ ରାଖାଲ କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ଫାଇନାଲ୍‌ରେ ରମେଶ ୧୫-୧୦ରେ ପିଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରିଥିଲେ।ଫଏଲ୍ ବି ବର୍ଗରେ ଓମ୍‌ପ୍ରକାଶ ବେହେରା ସ୍ୱର୍ଣ୍ଣ ଓ ରୁଦ୍ର ନାରାୟଣ ବେହେରା ରୌପ୍ୟ ପଦକ ଜିତିଥିଲେ। ସ୍ୱର୍ଣ୍ଣ ମୁକାବିଲାରେ ଓମ୍‌ପ୍ରକାଶ ୧୫-୫ରେ ନିଜ ରାଜ୍ୟର ରୁଦ୍ରନାରାୟଣ ବେହେରାଙ୍କୁ ହରାଇଥିଲେ। ଉଭୟ ପୁଲ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ସିଧାସଳଖ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ସେମିଫାଇନାଲ୍‌ରେ ଓମ୍‌ପ୍ରକାଶ ୧୫-୨ରେ ଓୟିଲି ଡାମିଲୋଲାଙ୍କୁ ଏବଂ ରୁଦ୍ର ୧୫-୩ରେ ଅଜାନି ଇଡୋଉଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ଲଢେଇରେ ସାମିଲ ହୋଇଥିଲେ। ଏହି ସଫଳତା ଲାଗି ତାଙ୍କୁ ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ଓଡିଶା ପାରା କ୍ରୀଡା ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡିଶାରୁ ୬ ଜଣ ଖେଳାଳି ଭାରତର ପ୍ରତିନିଧିତ୍ୱ କରିଛନ୍ତି ଏବଂ ସମସ୍ତେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

# ସୂର୍ଯ୍ୟବଂଶୀଙ୍କୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ନୂଆଦିଲ୍ଲୀ, ୧୩।୮ : ଭାରତୀୟ କ୍ରିକେଟରେ ସବୁଠାରୁ ବିସ୍ଫୋରକ ଯୁବ ବ୍ୟାଟରମାନଙ୍କ ମଧ୍ୟରେ ସାମିଲ ବୈଭବ ସୂର୍ଯ୍ୟବଂଶୀ ନିଜ ବ୍ୟାଟିଂରେ ଲଗାତାର ଚର୍ଚ୍ଚାରେ ରହିଛନ୍ତି। ଜିମ୍ବାୱେ ଗସ୍ତରେ ମଧ୍ୟ ବ୍ୟାଟରେ ଦମଦାର ପ୍ରଦର୍ଶନ କରି ସେ ନିଜ ପ୍ରତିଭାର ପରିଚୟ ଦେଇଥିଲେ।ଏବେ ଘରୋଇ କ୍ରିକେଟ ସିଜନ ୨୦୨୬-୨୭ ଆରମ୍ଭ ହେବା ପୂର୍ବରୁ ବୈଭବଙ୍କୁ ଖୁବ କମ ବୟସରେ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଆଗାମୀ ଦିଲୀପ ଟ୍ରଫି ପାଇଁ ତାଙ୍କୁ ଇଷ୍ଟ ଜୋନ ଦଳରେ ସାମିଲ କରାଯାଇଛି।ଇଷ୍ଟ ଜୋନ ଦଳର ନେତୃତ୍ୱ ଅଭିଜ୍ଞ ଉଇକେଟ୍‌କିପର-ବ୍ୟାଟର ଈଶାନ କିଶନଙ୍କ ହାତରେ ରହିବ। ତାଙ୍କ ନେତୃତ୍ୱରେ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଯୁବ ପ୍ରତିଭାଙ୍କୁ ନିଜ ଦକ୍ଷତା ଦେଖାଇବାର ବଡ଼ ମଞ୍ଚ ମିଳିବ।ଏହି ମ୍ୟାଚରେ ସୂର୍ଯ୍ୟବଂଶୀଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଷ୍ଟ ଜୋନ ଦଳ ଆଜିଠାରୁ ଠିକ ୧୨ ଦିନ ପରେ, ଅର୍ଥାତ୍ ୨୩ ଅଗଷ୍ଟରେ ଦିଲୀପ ଟ୍ରଫିରେ ନିଜର ପ୍ରଥମ ମ୍ୟାଚ ଖେଳିବ। ଏହି ମ୍ୟାଚରେ ସମସ୍ତଙ୍କ ନଜର ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ରହିବ।

# ଜାଭି ହେଲେ ନେଦରଲାଣ୍ଡ୍‌ସ ଫୁଟ୍‌ବଲ୍ ଟିମ୍‌ର ପ୍ରଶିକ୍ଷକ

ହେଗ୍, ୧୩।୮: ସ୍ପେନ୍‌ର ମହାନ ଫୁଟ୍‌ବଲର୍ ଜାଭି ହର୍ନାନ୍‌ଡେଜ୍‌ଙ୍କୁ ନେଦରଲାଣ୍ଡ୍‌ସ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି କରିଛି। ତାଙ୍କ କାର୍ଯ୍ୟକାଳ



୨୦୩୦ ଫିଫା ବିଶ୍ୱକପ୍ ପର୍ଯ୍ୟନ୍ତ ରହିବ ବୋଲି ଡଚ୍ ଫୁଟ୍‌ବଲ୍ ମହାସଂଘ କହିଛି। ରୋନାଲ୍ଡ କୋଏମାନଙ୍କ ସ୍ଥାନରେ ୪୬ ବର୍ଷୀୟ ଏହି ସ୍ପେନ୍ ତାରକା ଦାୟିତ୍ୱ ନେବେ। ସେ ୧୯୭୮ ପରେ ନେଦରଲାଣ୍ଡ୍‌ସର ପ୍ରଥମ ବିଦେଶୀ ପ୍ରଶିକ୍ଷକ ହୋଇଛନ୍ତି।ତାଙ୍କ ପୂର୍ବରୁ ବିଦେଶୀ ପ୍ରଶିକ୍ଷକ ଅଷ୍ଟ୍ରିଆର ଏର୍ନଷ୍ଟ୍ ହାପେଲଙ୍କ ନେତୃତ୍ୱରେ ଦଳ ୧୯୭୮ ବିଶ୍ୱକପ୍ ଖେଳିଥିଲା। ବାର୍ସିଲୋନା ସହ ୩ ଋତୁ କାର୍ଯ୍ୟ କରିବା ପରେ ଜାଭି ୨୦୨୪ରେ ପଦ ଛାଡିଥିଲେ। ଏହା ପରଠୁ ସେ ପ୍ରଶିକ୍ଷଣଠୁ ଦୂରେଇ ରହିଥିଲେ। ବିଶ୍ୱକପ୍ ରାଉଣ୍ଡ-୩୨ରେ ମରକ୍‌କୋଠୁ ପେନାଲଟିରେ ନେଦରଲାଣ୍ଡ୍‌ସ ହାରିବା ପରେ କୋଏମାନ ପଦ ଛାଡିଥିଲେ। ୨୦୨୩ରେ ଦ୍ୱିତୀୟ ଥର ଲାଗି କୋଏମାନଙ୍କୁ ନେଦରଲାଣ୍ଡ୍‌ସ ପ୍ରଶିକ୍ଷଣ ଦାୟିତ୍ୱ ଦେଇଥିଲା। ପୂର୍ବରୁ ସେ ୨୦୧୮ରୁ ୨୦୨୦ ପର୍ଯ୍ୟନ୍ତ ଦଳର ପ୍ରଶିକ୍ଷକ ଥିଲେ।

## ୱାଇଜିଟିଟିଏ ଟେବୁଲ ଟେନିସ୍ ଉଦ୍‌ଯାପିତ

# ବାଜି ମାରିଲେ ଜିଜ୍ଞାସୁ, ମେନକ ଓ ନେହା




କଟକ, ୧୩।୮ : ଓଡିଶା ଟେବୁଲ୍ ଟେନିସ ସଂଘ ଓ ୟଙ୍ଗ ଜେନେରେସନ ଟେବୁଲ୍ ଟେନିସ୍ ସଂଘ ପକ୍ଷରୁ କଟକ ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ଚାଲିଥିବା ୩୧ତମ ୱାଇଜିଟିଟିଏ ରାଜ୍ୟ ରାଙ୍କିଙ୍ଗ୍ ଟେବୁଲ ଟେନିସ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାର ୧୧ବର୍ଷରୁ କମ ବାଳିକା ଏକକ ବର୍ଗରେ କଟକ ସିଦ୍ଧିକ୍ଷା ଭଗତ ୩-୧ରେ ଖୋର୍ଦ୍ଧାର ଶିବାଙ୍ଗୀ ପ୍ରସାଦଙ୍କୁ ପରାସ୍ତ କରି ବିଜେତା ହୋଇଥିବା ବେଳେ ୧୧ବର୍ଷରୁ କମ ବାଳକରେ ସୟଦ ଅର୍ସଜ ଅଲ୍ଲୀ ୩-୧ରେ ଖୋର୍ଦ୍ଧାର ସୁବଂଶ ମୋହନ ସାହୁଙ୍କୁ ପରାସ୍ତ କରି ବିଜେତା ହୋଇଛନ୍ତି। ସେହିପରି ୧୩ବର୍ଷରୁ କମ୍ ବାଳିକାରେ କଟକର ଆରାଧ୍ୟା ସାହୁ ୩-୦ରେ ଖୋର୍ଦ୍ଧାର ଅନ୍‌ବେଷା ଅନିରୁଦ୍ଧଙ୍କୁ ପରାସ୍ତ କରି ଓ ବାଳକ ବର୍ଗରେ କଟକର ଅବନିଶ ସୁବ୍ରମନ୍ୟମ ୩-୧ରେ କଟକର ରୁଦ୍ର ରଣବୀରଙ୍କୁ ପରାସ୍ତ କରି ବିଜେତା ହୋଇଛନ୍ତି।

୧୫ବର୍ଷରୁ କମ ବାଳିକାରେ ଖୋର୍ଦ୍ଧାର ଶ୍ୱେତା ବର୍ମା କଟକର ଆରାଧ୍ୟା ସାହୁଙ୍କୁ ପରାସ୍ତ କରି, ୧୫ବର୍ଷରୁ କମ୍ ବାଳକରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନ ଭୁବନେଶ୍ୱରର ସୋମନାଥ ସୁବୁଦ୍ଧିଙ୍କୁ ପରାସ୍ତ କରି, ୧୭ବର୍ଷରୁ କମ୍ ବର୍ଗରେ କଟକର ଉର୍ଜା ବର୍ମା ଖୋର୍ଦ୍ଧାର ଶ୍ୱେତା ବର୍ମାଙ୍କୁ ପରାସ୍ତ କରି, ବାଳକରେ ଜିଜ୍ଞାଷୁ ସାଇ କିରଣ ଭୁବନେଶ୍ୱର ସୋମନାଥ ସୁବୁଦ୍ଧିଙ୍କୁ ପରାସ୍ତ କରି ବିଜେତା ହୋଇଛନ୍ତି। ୧୯ବର୍ଷରୁ କମ୍ ବୟସ ବର୍ଗରେ କଟକର ଜିଜ୍ଞାସୁ ସାହୁ ଓ ବାଳିକାରେ ଉର୍ଜା ବର୍ମା ବିଜେତା ହୋଇଥିବା ବେଳେ ମହିଳା ବର୍ଗରେ ନେହା କୁମାରୀ ଓ ପୁରୁଷରେ ମେନକ ଦାସ ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓସିଏ ସଂପାଦକ ସଞ୍ଜୟ ବେହେରା, ସମ୍ମାନିତ ଅତିଥି ଭାବେ ଟେବୁଲ୍ ଟେନିସ ସଂଘ ସଂପାଦକ ରବୀନ୍ଦ୍ର କୁମାର ପରିଡା, ସଂଘ କର୍ମକର୍ତ୍ତା ଚିତ୍ତରଞ୍ଜନ ମହାନ୍ତି, ନିହାର ରଞ୍ଜନ ମିଶ୍ର ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଟେବୁଲ୍ ଟେନିସ୍ ଫେଡେରେଶନ ସ୍ୱୀକୃତି ରଦ୍ଦ

ନୂଆଦିଲ୍ଲୀ, ୧୩।୮ : କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଟେବୁଲ୍ ଟେନିସ୍ ମହାସଂଘର ସ୍ୱୀକୃତି ରଦ୍ଦ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଅଲିମ୍ପିକ୍ ସଂଘକୁ ଏହି ଖେଳର ପ୍ରଶାସନ ପରିଚାଳନା ପାଇଁ ଏକ ଆଡ୍‌ହକ୍ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟିଟିଏଫ୍‌ଆଇ ଭିତରେ ରହିଥିବା ପ୍ରଶାସନିକ ତ୍ରୁଟି ଏବଂ ଅନିୟମିତତାଗୁଡ଼ିକର ଏହି କମିଟି ଯାଞ୍ଚ କରିବ। ସମୟ ମଧ୍ୟରେ ନିର୍ବାଚନ କରାଇବାରେ ବିଫଳ ହୋଇଥିବାରୁ ମନ୍ତ୍ରଣାଳୟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଚଳିତ ବର୍ଷର ଆରମ୍ଭରେ ମନ୍ତ୍ରଣାଳୟ ପକ୍ଷରୁ ଟିଟିଏଫ୍‌ଆଇକୁ ଏକ ନୋଟିସ୍ ଜାରି କରାଯାଇଥିବା ବେଳେ ସେମାନେ ଏହାର କୌଣସି ସନ୍ତୋଷଜନକ ଜବାବ ଦେଇ ନଥିଲେ।

କ୍ରୀଡ଼ା ମନ୍ତ୍ରଣାଳୟ ଏହାର ନିର୍ଦ୍ଦେଶରେ ସ୍ପଷ୍ଟ କରିଛି ଯେ, ଆଇଓଏ ଏବଂ ଆଇଟିଟିଏଫ୍ ସହିତ ପରାମର୍ଶ କରି ଭାରତୀୟ ଟେବୁଲ୍ ଟେନିସ୍ ମହାସଂଘରେ ଥିବା ସମସ୍ତ ତ୍ରୁଟିକୁ ଦୂର କରିବ। ବର୍ତ୍ତମାନର ସମୟରେ ଟିଟିଏଫ୍‌ଆଇକୁ ମେଘନା ଅହଲାୱତ ପରିଚାଳନା କରୁଛନ୍ତି, ଯିଏକି ଏହାର ପ୍ରଥମ ମହିଳା ଅଧ୍ୟକ୍ଷ ଏବଂ ହରିୟାଣାର ବିଧାୟକ ଦୁଷ୍ୟନ୍ତ ଚୌତାଲାଙ୍କ ପତ୍ନୀ ଅଟନ୍ତି। ଦୁଷ୍ୟନ୍ତ ହେଉଛନ୍ତି ଟିଟିଏଫ୍‌ଆଇର ପୂର୍ବତନ ଅଧ୍ୟକ୍ଷ ଅଜୟ ସିଂହ ଚୌତାଲାଙ୍କ ପୁଅ। ମେଘନା ୨୦୨୨ ମସିହା ଡିସେମ୍ବର ମାସରେ ଏହି ପଦଭାର ଗ୍ରହଣ କରିଥିଲେ।

ଗତ କିଛି ମାସ ଧରି ଟିଟିଏଫ୍‌ଆଇ ଭିତରେ ବେଶ୍ ଅସ୍ଥିରତା ଏବଂ ଗଣ୍ଡଗୋଳ ଲାଗି ରହିଥିଲା। ଗତ ଜାନୁଆରୀ ମାସରେ ଆର୍ଥିକ ଅନିୟମିତତା ଅଭିଯୋଗରେ ମହାସଂଘ ନିଜର ମହାସଚିବ ତଥା ପୂର୍ବତନ ଖେଳାଳି କମଲେଶ ମେହେଟ୍ଟାଙ୍କୁ ସସ୍ପେଣ୍ଡ କରିଥିଲା। ମେହେଟ୍ଟା ଏହି ମାମଲାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ପରେ ତାଙ୍କର ସସପେନ୍ସନ୍ ରଦ୍ଦ କରାଯାଇଥିଲା।

ଷ୍ଟାର୍ ପ୍ୟାଡ୍‌ଲର୍ ମନିକା ବତ୍ରାଙ୍କ ବିବାଦ ପରେ ଏହି ସଂସ୍ଥା ବିରୁଦ୍ଧରେ ବିବାଦ ଆହୁରି ବଢ଼ିଯାଇଥିଲା। ମନିକା ବତ୍ରାଙ୍କୁ ଏସୀୟ କ୍ରୀଡ଼ା ଦଳରୁ ବାହାର କରାଯିବା ପରେ ଏହି ସଂସ୍ଥାକୁ ନେଇ ବେଶ୍ ସମାଲୋଚନା ହୋଇଥିଲା। ବତ୍ରା ସର୍ବସାଧାରଣରେ ଏହି ନିଷ୍ପତ୍ତିର କଡ଼ା ବିରୋଧ କରିବା ସହିତ କ୍ରୀଡ଼ା ମନ୍ତ୍ରଣାଳୟକୁ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ମନ୍ତ୍ରଣାଳୟ ଟିଟିଏଫ୍‌ଆଇକୁ ପ୍ରଭାବିତ କରୁଥିବା ସମସ୍ତ ପ୍ରସଙ୍ଗକୁ ଗ୍ରହଣ କରି ଏହାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା, ଯାହାର ସନ୍ତୋଷଜନକ ଉତ୍ତର ମହାସଂଘ ଦେଇପାରି ନ ଥିଲା।



# ପତ୍ନୀଙ୍କୁ ଧୋକା: ମୁହଁ ଖୋଲିଲେ ଅଷ୍ଟ୍ରେଲିଆ ଟିମର ଉପ ଅଧିନାୟକ ଗାର୍ଡନର

ସିଡନୀ, ୧୩।୮ : ମୁହଁ ଖୋଲିଛନ୍ତି ସମଲିଙ୍ଗୀ ବିବାହ ପରେ ପତ୍ନୀ ମୋନିକା ରାଇଟ୍‌ଙ୍କ ଠାରୁ ଅଲଗା ହୋଇଥିବା ଅଷ୍ଟ୍ରେଲିଆ ମହିଳା ଟିମର ଉପ ଅଧିନାୟକ ଆସଲେ ଗାର୍ଡନର। ଏହାକୁ ନେଇ ବେଶ କିଛି ମାସ ଧରି ବିବାଦ ଲାଗି ରହିଥିଲେ ହେଁ ଗାର୍ଡନର ନୀରବତା ଅବଲମ୍ବନ କରିଥିଲେ। କିନ୍ତୁ ଏବେ ସେ ଏହି ବିବାଦକୁ ନେଇ ପ୍ରଥମଥର ନିଜର ପକ୍ଷ ରଖିଛନ୍ତି।

ସେ କହିଛନ୍ତି, "ମୋ ପତ୍ନୀଙ୍କ ଠାରୁ ମୁଁ ଅଲଗା ହେବା ଗୋଟିଏ ବ୍ୟକ୍ତିଗତ ବିଷୟ। କିନ୍ତୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ଉପ ଅଧିନାୟକ ଭାବେ ମୋର ଦାୟିତ୍ୱ ଦୃଷ୍ଟିରୁ ବର୍ତ୍ତମାନର ସମ୍ପର୍କ ସ୍ଥିତିକୁ କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ସ୍ପଷ୍ଟ କରିବାର ଆବଶ୍ୟକ ଥିଲା ବୋଲି ମୁଁ ବୁଝୁଛି। ନେତୃତ୍ୱ ଜାରି ରଖିବାକୁ ସିଏ ବୋର୍ଡ ମୋତେ ସମର୍ଥନ କରିଥିବାରୁ ମୁଁ କୃତଜ୍ଞ। ଆଗାମୀ ସିଜନ୍‌ରେ ଜଣେ ଲିଡର ଭାବେ ମୁଁ ଦୃଢ଼ ଭୂମିକା ତୁଲାଇବା ସହ ମୋ ସାଥୀ ଖେଳାଳିମାନଙ୍କୁ ଯଥା ସମ୍ଭବ ସହଯୋଗ ଯୋଗାଇ ଦେବାକୁ ଆଶା କରୁଛି। ମୋନିକାଙ୍କ ସହ ମୁଁ ବିତାଇଥିବା ସମୟ ପାଇଁ କୃତଜ୍ଞ ଓ ଏହି ଘଟଣା ତାଙ୍କୁ ଯେଉଁ ଯନ୍ତ୍ରଣା ଦେଇଛି, ସେଥିପାଇଁ ମୁଁ ଦୁଃଖିତ। ଭବିଷ୍ୟତରେ ତାଙ୍କ ଜୀବନରେ ସୁଖ ଓ ସଫଳତା କାମନା କରୁଛି। ଏହି ବିଷୟରେ ଏବେ ମୁଁ ଆଉ କୌଣସି ସାର୍ବଜନୀନ ମନ୍ତବ୍ୟ ଦେବି ନାହିଁ। ଏହି ଘଟଣା ସହ ଜଡ଼ିତ ସମସ୍ତଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ସମ୍ମାନ କରିବାକୁ ମୁଁ ଅନୁରୋଧ କରୁଛି।"

ବିବାଦ ପରେ ଗାର୍ଡନରଙ୍କ ଠାରୁ ଉପ ଅଧିନାୟକ ପଦ ଛଡ଼ାଇ ନେବାକୁ ମୋନିକା ରାଇଟ୍ କ୍ରିକେଟ ଅଷ୍ଟ୍ରେଲିଆକୁ ଅନୁରୋଧ କରିଥିଲେ। କୋଡ୍ ସ୍ୱର୍ଟସ୍‌କୁ ମୋନିକା କହିଥିଲେ ଯେ "ଯଦି ଆପଣ ନିଜ ଦେଶର ପ୍ରତିନିଧିତ୍ୱ କରିବା ଓ ଜଣେ ଆଦର୍ଶ ବ୍ୟକ୍ତି ଭାବେ ପରିଚିତ ହେବାର ସୁଯୋଗ ପାଇଛନ୍ତି, ତେବେ ନିଜକୁ ଉଚ୍ଚ ନୈତିକ ମାନଦଣ୍ଡରେ ରଖିବାର ଦାୟିତ୍ୱ ମଧ୍ୟ ରହିଛି। କ୍ରିକେଟ୍ ଅଷ୍ଟ୍ରେଲିଆ କାହିଁକି ସାର୍ବଜନୀନ ଭାବେ କିଛି କହିନାହିଁ, ତାହା ମୁଁ ବୁଝିପାରୁନାହିଁ।" ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ସମୟରେ ଗାର୍ଡନର ଓ ମୋନିକାଙ୍କ ବୈବାହିକ ଜୀବନରେ ତିକ୍ତତା ଆରମ୍ଭ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ସମୟରେ ମୋନିକା ଭାରତ ଆସିଥିଲେ। ହେଲେ ଗାର୍ଡନର ତାଙ୍କ ସହ ଠିକ ଭାବେ ବ୍ୟବହାର କରି ନଥିଲେ। ତାଙ୍କ ବ୍ୟବହାର ଆଦୌ ସ୍ୱାଭାବିକ ନଥିଲା। ତଥାପି ଉଭୟ ଏକାଠି ରହିଥିଲେ। ଇନ୍‌ଦୋରର ବିଭିନ୍ନ ସ୍ଥାନରେ ମଧ୍ୟ ସେମାନଙ୍କୁ ଏକାଠି ଦେଖିବାକୁ ମିଳିଥିଲା।